## ସଂକ୍ଷେପରେ

### ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ବଳାତ୍କାର

କୋରେଇ,୨୭।୭(ଚନ୍ଦ୍ରକାନ୍ତ ପତି): କୋରେଇ ଥାନା ଅଞ୍ଚଳର ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଭଦ୍ରକ ଅଞ୍ଚଳର ସମ୍ପୃକ୍ତା ମହିଳା କିଛିଦିନ ହେବ ଯାଜପୁର ରୋଡ୍‌ରେ ଏକ ଘର ଭଡ଼ା ନେଇ ରହୁଛନ୍ତି। ଏହି ସମୟରେ ବଟିରା ଗ୍ରାମର ମନୋଜ ସାହୁଙ୍କ ସହିତ ତାଙ୍କର ଯାଜପୁର ରୋଡରେ ଦେଖା ହୋଇଥିଲା। କଥାବାର୍ତ୍ତା ଭିତରେ ମହିଳା ଜଣଙ୍କ ତାଙ୍କୁ ଭଡ଼ା ଘରକୁ ଆଣିଥିଲା। ଏହାର ସୁଯୋଗରେ ମନୋଜ ତାଙ୍କୁ ବଳାତ୍କାର କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ନଂ.୨୨୫/୨୩ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

### ନାଗ ସାପ ଉଦ୍ଧାର

ପାଣିକୋଇଲି,୨୭।୭(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ମହାବୀର କଲୋନିରୁ ଏକ ୫ ଫୁଟର ନାଗ ସାପ ଉଦ୍ଧାର କରାଯାଇଛି। କଲୋନୀର ବାବାଜୀ ରାଉତଙ୍କ ଘରେ ଏକ ସାପ ପଶିଯିବାରୁ ତାଙ୍କ ପରିବାର ଭୟଭୀତ ହୋଇ ପଡ଼ିଥିଲେ। ଏନେଇ ରାଉତ ପାଣିକୋଇଲି ଥାନାକୁ ଖବର ଦେଇଥିଲେ। କନଷ୍ଟେବଳ ମନମୋହନ ବାରିକ ପହଞ୍ଚି ସାପଟିକୁ ଉଦ୍ଧାର କରି ନିକାଞ୍ଚନ ସ୍ଥାନରେ ଛାଡ଼ିଛନ୍ତି।

### ରାକେଶ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ



ପାଣିକୋଇଲି,୨୭।୭ (ବିକାଶ ମଲ୍ଲିକ): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ପାଣିକୋଇଲିର ଯୁବନେତା ରାକେଶ କୁମାର ସାହୁଙ୍କୁ ଯୁବ କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ ପଦବୀ ମିଳିଛି। ରାକେଶ ସାଧାରଣ ସମ୍ପାଦକ ହେବା ପରେ ପାଣିକୋଇଲିରେ ଖୁସିର ଲହରି ଖେଳିଯିବା ସହ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଯୁବ କଂଗ୍ରେସକୁ ସୁଦୃଢ଼ କରିବା ତାଙ୍କର ଏକ ମାତ୍ର ଲକ୍ଷ୍ୟ ବୋଲି ସେ ମତବ୍ୟକ୍ତ କରିଛନ୍ତି।

### ଅପୂର୍ବ ବ୍ଲକ୍ ଯୁବ କଂଗ୍ରେସ ସଭାପତି



ବରୀ,୨୭।୭(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ୍ କଂଗ୍ରେସ ସଭାପତି ଭାବେ ଅପୂର୍ବ ସାମଲ ନିର୍ବାଚିତ ହୋଇଛନ୍ତି। ଏହି ପଦବୀ ମିଳିବା ପରେ ଆଗାମୀ ଦିନରେ କଂଗ୍ରେସକୁ ମଜଭୁତ୍ କରିବା କ୍ଷେତ୍ରରେ ସେ କାର୍ଯ୍ୟ କରିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ୨୦୦୯ରେ ଶାସକ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଦେବାଶିଷ ନାୟକଙ୍କ ସହିତ କଂଗ୍ରେସ ଦଳରୁ ନିର୍ବାଚନ ଲଢ଼ିଥିବା ସ୍ୱର୍ଗତ ନବକିଶୋର ସାମଲଙ୍କ ପୁଅ ହେଉଛନ୍ତି ଅପୂର୍ବ। ନବନିଯୁକ୍ତ ସଭାପତି ଦଳକୁ ସଜାଡିବା କ୍ଷେତ୍ରରେ କିଭଳି ପଦକ୍ଷେପ ନେବେ ତାହା ସମୟ କହିବ ବୋଲି ମତପ୍ରକାଶ ପାଇଛି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜମି ଅଧିଗ୍ରହଣ ପାଇଁ ପଲ୍ଲିସଭା

- ମିଳିଲା ସହମତି
- ନିର୍ମାଣ ହେବ ୩୦ ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ର

ଯାଜପୁରରୋଡ୍,୨୭।୭(ପବିତ୍ର ମହାନ୍ତି):



ପଲ୍ଲିସଭାରେ ଉପସ୍ଥିତ ଜନସାଧାରଣ ଓ ଅଧିକାରୀ।

କେନ୍ଦ୍ର ସରକାର ସହରାଞ୍ଚଳ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଯୋଜନା କରିଛନ୍ତି। ଏହି ଯୋଜନାରେ ଯାଜପୁରରୋଡ୍‌ଠାରେ ଏକ ୩୦ ଶଯ୍ୟା ବିଶିଷ୍ଟ ଆଉ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (କମ୍ୟୁନିଟି ହେଲଥ୍ ସେଣ୍ଟର) ଖୋଲିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ନିଷ୍ପତ୍ତି ନେଇଛି। ଏହିପରିପ୍ରେକ୍ଷୀରେ ବ୍ୟାସନଗର ପୌର ପରିଷଦ ପକ୍ଷରୁ ଜମି ଅଧିଗ୍ରହଣ ପାଇଁ ଏକ ପଲ୍ଲିସଭା ଅନୁଷ୍ଠିତ ହୋଇଯାଇଛି। ଜାଗା ନିରୂପଣ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ବ୍ୟାସନଗର ପୌର କର୍ତ୍ତୃପକ୍ଷଙ୍କୁ ଚଳିତ ମାସ ୫ ତାରିଖରେ ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକ୍ରମେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବ୍ୟାସନଗର ତହସିଲଦାର ୯ ନଂ. ୱାର୍ଡ ଅନ୍ତର୍ଗତ ଚୋରଦା ମୌଜାର ଖାତା ନଂ.୧୬୨(ଅନାବାଦୀ) ପ୍ଲଟ ନଂ.୦୧ କିସମ (ଝାଟି ଜଙ୍ଗଲ)ରେ ଏ.୨.୪୫ ଡିସିମିଲ ଜମି ଚିହ୍ନଟ କରିଛନ୍ତି। ଏଥିପାଇଁ ପୌର ପରିଷଦ ପକ୍ଷରୁ ଗୁରୁବାର ୯ନଂ. ୱାର୍ଡ ବାସିନ୍ଦାଙ୍କୁ ନେଇ ଚୋରଦା କାଳୀ ମେଳଣ ପଡିଆରେ ପଲ୍ଲିସଭା ଆୟୋଜନ ହୋଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ସହମତି ପ୍ରକାଶ ପାଇଥିଲା। ନିରୂପଣ ସ୍ଥାନଟି ସହରର କେନ୍ଦ୍ରସ୍ଥଳ ସହ ମୁଖ୍ୟରାସ୍ତା ସଲଗ୍ନ ହୋଇଥିବାରୁ ସହରର ଜନସାଧାରଣ ବିଶେଷ ଭାବେ ଉପକୃତ ହେବେ ବୋଲି ମତ ପ୍ରକାଶ ପାଇଥିଲା।

ଚିହ୍ନଟ ସ୍ଥାନଟି ପୂର୍ବରୁ ରାଜ୍ୟ ପର୍ଯ୍ୟଟନ ବିଭାଗ ଅଧୀନରେ ଥିଲା। କାଳକ୍ରମେ ସେଠାରେ ଥିବା ପାନ୍ଥନିବାସଟି ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିଲା। ଉକ୍ତ ପାନ୍ଥନିବାସ ପୂର୍ତ୍ତ ବିଭାଗର ହୋଇଥିବାରୁ ତାହାକୁ ବ୍ୟବହାର ଅନୁପଯୋଗୀ ଘୋଷଣା କରାଯାଇଛି ଓ ଏହାକୁ ଖୁବ୍‌ଶୀଘ୍ର ଭାଙ୍ଗଯିବ ବୋଲି ଅତିରିକ୍ତ ତହସିଲଦାର କହିଥିଲେ। ବ୍ୟାସନଗର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ରଙ୍କ ଦ୍ୱାରା ଆହୁତ ପଲ୍ଲିସଭାରେ ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲିକ, ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସନ୍ତୋଷ କୁମାର ପୃଷ୍ଟି, ଯାଜପୁରରୋଡ୍ ବନବିଭାଗ ରେଞ୍ଜର ଜ୍ୟୋତିରଞ୍ଜନ ମହାପାତ୍ର, ପୌରଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ୯ ୱାର୍ଡ କାଉନସିଲର ମାଣିନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ସ୍ଥାନୀୟ ବାସିନ୍ଦାଙ୍କ ମତ ନେଇଥିଲେ। ଅନ୍ୟାମାନଙ୍କ ମଧ୍ୟରେ ଆଇନଜୀବୀ ବିବେକାନନ୍ଦ ମହାନ୍ତି, ଚନ୍ଦ୍ରମଣି ସାମଲ, ମାନଗୋବିନ୍ଦ ପଣ୍ଡା, ଜିତେନ୍ଦ୍ର କୁମାର ରାଉତ, ବିପିନ ବିହାରି ଦାସ ଓ ଜଗବନ୍ଧୁ ସାହୁ ପ୍ରମୁଖ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି ନିଜର ମତ ରଖିବା ସହ ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ।

# ମହରମ ପାଳନ ପାଇଁ ଥାନା ଅଧିକାରୀଙ୍କ ସହ ଆଲୋଚନା

ରସୁଲପୁର,୨୭।୭(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଅତଲାପୁର, ରାହାମ୍ବା ଓ ବଡ଼କଇଞ୍ଚ ପଞ୍ଚାୟତର ମୁସଲମାନ ସମ୍ପ୍ରଦାୟ ମୁରବିମାନଙ୍କୁ ନେଇ ମହରମ ପର୍ବ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଶନିବାର ମହରମ ପର୍ବରେ ହିନ୍ଦୁ ଓ ମୁସଲିମ୍ ମଧ୍ୟରେ ଭାଇଚାରା ଭାବ ସୃଷ୍ଟିକରିବା ଓ ପର୍ବକୁ ଶୃଙ୍ଖଳିତ ଭାବରେ ପାଳନ କରିବା ପାଇଁ ଏକ ଶାନ୍ତି କମିଟିର ଆବଶ୍ୟକତାକୁ ନେଇ ଆଲୋଚନା କରାଯାଇଛି। ଏନେଇ ସମ୍ପ୍ରଦାୟର ମୁରବୀମାନେ କୁଆଖିଆ ଥାନାରେ ନୂତନ ଭାବେ ଯୋଗଦେଇ ଥିବା ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକଙ୍କୁ ଭେଟି ଆଲୋଚନା କରିବା ସହ ତାଙ୍କୁ ସ୍ୱାଗତ ଜଣାଇଛନ୍ତି।

ଉପସ୍ଥିତ ମୁରବୀମାନଙ୍କ ସହ ଆଲୋଚନାକରି ଥାନା ଅଧିକାରୀ ବାରିକ ଜାଣିବାକୁ ଯାଇଥିଲେ କି ପର୍ବ ଅବସରରେ ତାଜିଆ ଖେଳ, ବାଡ଼ିଖେଳ, ସମୂହ ପ୍ରାର୍ଥନା ଆଦିର ବ୍ୟବସ୍ଥା କରାଯାଉଛି କି ନାହିଁ। ପର୍ବ ଅବସରରେ ପାଳନ ସାମୂହିକ ଓ ସାଂସ୍କୃତିକ ଅବସରରେ କି ପ୍ରକାର ପଦକ୍ଷେପ ନିଆଯାଉଛି। ସମ୍ପ୍ରଦାୟର ମୁରବୀମାନେ ସୂଚନା ଦେଇ କହିଥିଲେ ଯେ, ଥାନା ଅଧୀନ ବିଭିନ୍ନ ସ୍ଥାନରେ ଥିବା ମୁସଲମାନ ସମ୍ପ୍ରଦାୟର ଲୋକେ ନିଜସ୍ୱ ଉଦ୍ୟମରେ ପର୍ବ ପାଳନ କରୁଛନ୍ତି। ଏଥିପାଇଁ ଏକ ଶାନ୍ତି କମିଟି ଗଠନ କରାଯିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ପର୍ବକୁ ନେଇ କୌଣସି ଅସୁବିଧା ଉପୁଜିଲେ ଥାନାକୁ ଜଣାଇଲେ ଆଶୁ ପଦକ୍ଷେପ ନିଆଯିବ। ଶାନ୍ତି କମିଟି ଜରିଆରେ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଅଧିକାରୀ ସୂଚନା ଦେଇଥିଲେ। ଉକ୍ତ ପର୍ବକୁ ନେଇ ଥାନା ପକ୍ଷରୁ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍‌କୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇ ଶାନ୍ତିଶୃଙ୍ଖଳା ଓ ଭାଇଚାରା ବଜାଇ ରଖିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ମୁରବୀମାନଙ୍କୁ କୁହାଯାଇଛି।



ବୈଠକରେ ଥାନାଧିକାରୀ ମୁସଲମାନ ସମ୍ପ୍ରଦାୟ ମୁରବିମାନଙ୍କ ସହ ଆଲୋଚନା କରୁଛନ୍ତି। ।

# ମହାବିଦ୍ୟାଳୟରେ କାର୍‌ଗିଲ ବିଜୟ ଦିବସ



କାର୍‌ଗିଲ ବିଜୟ ଦିବସ ପାଳନ ଅବସରରେ ଯୋଗଦେଇଥିବା ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ଏବଂ ଅନ୍ୟମାନେ।

ଯାଜପୁରରୋଡ୍,୨୭।୭(ପବିତ୍ର ମହାନ୍ତି):

ବ୍ୟାସନଗରସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏନେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ଜେନାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବୀର ଯବାନମାନଙ୍କର ସାହସିକ ପଦକ୍ଷେପ ଓ ଉନ୍ନତମାନର ରଣକୌଶଳ ଯୋଗୁ କିପରି ଭାରତ କାର୍‌ଗିଲ ବିଜୟ କରିବାରେ ସକ୍ଷମ ହୋଇଥିଲା ସେ ସମ୍ପର୍କରେ ଅଧ୍ୟକ୍ଷ ଜେନା ଅଭିଭାଷଣରେ କହିଥିଲେ। ଅଧ୍ୟାପକ ସନ୍ତୋଷ କୁମାର ଜେନା, ମଳୟ କୁମାର ମଲ୍ଲିକ, ପଦ୍ମଭୂଷଣ ରାଉତରାୟ, ପ୍ରଶାନ୍ତ କୁମାର ଦାସ, କବିତା କଲ୍ଲୋଳିନୀ ସିହ୍ନା ପ୍ରମୁଖ ସଭାରେ ଯୋଗ ଦେଇଥିଲେ। ଜାତୀୟ ସେବା ଯୋଜନାର ଛାତ୍ରୀ କାଜୁନି ବେହେରା, ଲଭଲିନ ନାୟକ, ଶୁଭଶ୍ରୀ ଶୁଭସ୍ମିତା ସାହୁ, ଲକ୍ଷ୍ମୀପ୍ରିୟା ରାଣା, ଲିନାରାଣୀ ସାହୁ, କ୍ରଷ୍ଣା ରାଉତ, ବୈଶାଖୀ ସାହୁ, ରୋସ୍ତି ଗୌର, ବନିତା ସେଠୀ, ଲକ୍ଷ୍ମୀପ୍ରିୟା ପାଢ଼ୀ, ଗାୟତ୍ରୀ ସାହୁ, ଲୋଭନା ପ୍ରିୟଦର୍ଶିନୀ ସିଂହ, ଦେବସ୍ମିତା ସାହୁ, ସୁପ୍ରଭା ସାହୁ, ସନ୍ତୋଷ ମାଝି, ବିନିତାରାଣୀ ପାତ୍ର, କଲ୍ୟାଣୀ ସାମଲ, ଦୀପାଲି ରାୟ, ଲିଓା ନାୟକ, ମନୋରମା ବେହେରା, ଟିଙ୍କିଲି ବେହେରା, ସୁପ୍ରିୟା ନାଥ ଶର୍ମା, ସନ୍ଧ୍ୟାରାଣୀ ବେହେରା, ଲିପିନା ସାହୁ, ଶିବାନୀ ବେହେରା, ସୋନାଲି ସେନାପତି, ରଶ୍ମିରେଖା ବେହେରା ଓ ସୋନାଲି ପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଭାରତମାତାର ତୈଳଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରଯାଇଥିଲାବେଳେ ଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ, ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ମଳୟ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ୨ ମାଙ୍କଡ଼ା ବୋଝେଇ ପଥର ଟ୍ରକ୍ ଜବତ

ଛତିଆ,୨୭।୭ (ସୌମ୍ୟ ରଞ୍ଜନ ସାହୁ):

ପଶ୍ଚିମ ବଡ଼ଚଣା ଅଞ୍ଚଳରେ ପ୍ରତିଦିନ ଚୋରାମାଙ୍କଡ଼ା ପଥର କାରବାର ହେଉଥିବାରୁ ପ୍ରଶାସନ ପକ୍ଷରୁ ବିଭିନ୍ନ ଖାଦାନ ଉପରେ ୧୪୪ ଧାରା ଜାରି କରାଯାଇଛି। ମାତ୍ର ଏହାସତ୍ତ୍ୱେ ମାଫିଆମାନେ ଜିଲାବାହାରୁ ଚୋରା ମାଙ୍କଡ଼ା ପଥର ଆଣି ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଛନ୍ତି। ଏନେଇ ସୂଚନା ପାଇବା ପରେ ଦର୍ପଣ ତହସିଲଦାର ମାନସ ତ୍ରିପାଠୀ ଗୁରୁବାର ଅପରାହ୍ନରେ ଛତିଆ ସୋଲର ଛକ ନିକଟରେ ଚଢ଼ାଉ କରି ୨ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ କରିଛନ୍ତି। ଟ୍ରକ୍ ନଂ.(ଓଆର୍-୦୯-ଇ-୩୦୩୪ ଏବଂ ଓଆର୍-୦୯-ଏଫ୍-୫୫୭୬)ରେ ମାଙ୍କଡ଼ା ପଥର ବୋଝେଇ ହୋଇଥିବାବେଳେ ତହସିଲଦାର ବୈରୀ ଥାନା ପୋଲିସ ସହଯୋଗରେ ଗାଡ଼ି ୨ଟିକୁ ଜବତ କରିଥିଲେ। ଚଢ଼ାଉରେ ଛତିଆ ରାଜସ୍ୱ ନିରୀକ୍ଷକ ଅରବିନ୍ଦ ସାହୁ, ବୈରୀ ଥାନା ଏସ୍‌ଆଇ ସଂଗ୍ରାମ ରାଉତ ଓ ପୀତାମ୍ବର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

## ପୋଲିସ ଗାଡ଼ି ଭାଙ୍ଗି ୩ ଗିରଫ

### ଟ୍ରେଲର ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ଘଟଣା

କଳିଙ୍ଗନଗର,୨୭।୭ (ଶୁଭାଶିଷ ରାଉତ)

ଯାଜପୁର ଜିଲା ଯଖପୁରା ଥାନା ମାନତୀରା ଛକରେ ବୁଧବାର ରାତିରେ ଟେଲର ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟଣାର ତଦନ୍ତ କରୁଥିବା ପୋଲିସକୁ ଉତ୍ତ୍ୟକ୍ତ ଲୋକେ ଆକ୍ରମଣ କରିଥିଲେ। ଏଥିସହ ପୋଲିସ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ଡ୍ରାଇଭର ମଧ୍ୟ ଆହତ ହୋଇଥିଲେ। ଉକ୍ତ ଘଟଣାରେ ଗୁରୁବାର ପୋଲିସ ପାଙ୍କପାଳ ପଞ୍ଚାୟତ ନୀଳମଣିଦେଇପୁର ଗ୍ରାମର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇ ସାରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଟ୍ରେଲରର ଚାଳକଙ୍କୁ ମଧ୍ୟ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ପୋଲିସକୁ ଆକ୍ରମଣ କରିଥିବା ଅଭିଯୁକ୍ତମାନେ ହେଲେ ନୀଳମଣିଦେଇପୁର ଗାଁର କିଶୋର ବେହେରା(୪୨), ସୁରେନ୍ଦ୍ର ଜେନା (୨୫) ଓ ବିଜୟ କୁମାର ସାହୁ (୩୦)। ପୋଲିସ ସେମାନଙ୍କ ବିରୋଧରେ ଦଫା ୧୪୭, ୩୨୩, ୩୨୫, ୩୦୭, ୪୨୭, ୩୩୭, ୩୫୩, ୨୯୪, ୩୯୫, ୫୦୬, ୧୪୮, ୧୪୯ ଓ ୭ କ୍ରିମିନାଲ ଦଫାରେ ମାମାଲା ରୁଜୁ କରିଛି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ଟ୍ରେଲର ଡ୍ରାଇଭର ଉତ୍ତରପ୍ରଦେଶ ବାଲିଆ ଜିଲାର ମିକ୍କେଶ ଯାଦବ(୨୨)ଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ସମସ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

## ୩ କୃତୀ ଛାତ୍ରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା

ବରୀ,୨୭।୭(ମହେନ୍ଦ୍ର ସ୍ୱାଇଁ):

ବରୀ ଅଞ୍ଚଳର ଛାତ୍ରୀ ମୋନାଲିସା ବେହୁରା ଓ ଆକାଂକ୍ଷା ମହାନ୍ତି ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ମୋନାଲିସା ୧୬୬ ର୍‍ୟାଙ୍କ୍‌ରେ ଥିବାବେଳେ ଆକାଂକ୍ଷା ୬୩୫ ର୍‍ୟାଙ୍କରେ ରହିଛନ୍ତି। ଏନେଇ ମୋନାଲିସା କହିଛନ୍ତି, ବରୀ ମାଟିରୁ ଜନ୍ମ ହୋଇ ଆଜି ମୁଁ ଏହି ସ୍ଥାନରେ ପହଞ୍ଚିଥିବାରୁ ମୋ ମା' ଓ ମାଟିକୁ ପ୍ରଣାମ। ଆକାଂକ୍ଷା ମଧ୍ୟ ସେବାକ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିବାକୁ ଉଦ୍ୟମ ଜାରି ରଖିବେ ବୋଲି ମତ ରଖିଛନ୍ତି। ସଫଳତା କ୍ଷେତ୍ରରେ ପରିବାର, ଶିକ୍ଷୟିତ୍ରୀଶିକ୍ଷକଙ୍କ ଆଶୀର୍ବାଦ ଯୋଗୁ ସେମାନେ ଏହି କ୍ଷେତ୍ରରେ ପହଞ୍ଚିପାରିଛନ୍ତି ବୋଲି ମତ ରଖିଛନ୍ତି। ଏହି ଦୁଇ ଛାତ୍ରୀଙ୍କ ବ୍ୟତୀତ ଯୁକ୍ତ ୨ ବିଜ୍ଞାନରେ କୃତକାର୍ଯ୍ୟ ହୋଇଥିବା ଦଳିତବର୍ଗର ଛାତ୍ରୀ ସ୍ମୃତିରେଖା ବେହେରା ସମ୍ବର୍ଦ୍ଧିତ ହେବା ଯୋଗୁ ଶିକ୍ଷାବିତ, ବିଭିନ୍ନ ରାଜନୈତିକ ଦଳର ନେତା ଏବଂ ଅଞ୍ଚଳର ଜନସାଧାରଣ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସ୍ମୃତିରେଖା(ଦଳିତବର୍ଗ)ରେ ୯୨.୮ ପ୍ରତିଶତ ମାର୍କ ରଖି ଯୁକ୍ତ ୨ ବିଜ୍ଞାନରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ଏନେଇ ବରୀ ବିଧାୟିକା ସୁନନ୍ଦା ଦାସ କହିଛନ୍ତି, ଶିକ୍ଷା କ୍ଷେତ୍ରରେ ବରୀ ମହାନ୍। ଆଗାମୀ ଦିନରେ ଏହି ଅଞ୍ଚଳର ଛାତ୍ରୀଛାତ୍ର ବିଭିନ୍ନ ପଦବୀରେ ପହଞ୍ଚିବା ପାଇଁ ଉଦ୍ୟମ କରନ୍ତୁ। ସେମାନଙ୍କ ଉପରେ ବୀର ମାଟିର ଆଶୀର୍ବାଦ ରହିଛି ବୋଲି ବିଧାୟିକା ମତ ରଖିଛନ୍ତି।



ମୋନାଲିସା ବେହୁରା



ଆକାଂକ୍ଷା ମହାନ୍ତି



ସ୍ମୃତିରେଖା ବେହେରା

# ନବନିର୍ବାଚିତ ବାର୍ କାଉନସିଲ ସଭ୍ୟଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥି , ପ୍ରେସ୍ କ୍ଲବର କର୍ମକର୍ତ୍ତା ଓ ଅନ୍ୟମାନେ।

ଯାଜପୁର ଟାଉନ,୨୭।୭ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁରର ଯୁବ ଆଇନଜୀବୀ ରାଜୀବ ମହାନ୍ତି ଚଳିତ ଥର ବାର୍ କାଉନସିଲ ସଭ୍ୟ ନିର୍ବାଚିତ ହୋଇଛନ୍ତି। ଯାଜପୁର ପ୍ରେସକ୍ଲବ୍‌ର ସଭାପତି ତଥା ନବନିର୍ବାଚିତ ବାର୍ କାଉନସିଲ ସଭ୍ୟ ମହାନ୍ତିଙ୍କୁ ପ୍ରେସ୍ କ୍ଲବ ପକ୍ଷରୁ ସ୍ଥାନୀୟ ବିରଜା କଲ୍ୟାଣ ମଣ୍ଡପଠାରେ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ଯାଜପୁରର ପୂର୍ବତନ ପୌରପାଳ ଭବପ୍ରସାଦ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ବରୁଣେଶ୍ୱର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ବଟକୃଷ୍ଣ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ୪୩ବର୍ଷ ପରେ ଯାଜପୁର ଆଇନଜୀବୀମାନଙ୍କ ମଧ୍ୟରୁ ମହାନ୍ତି ନିର୍ବାଚିତ ହୋଇଥିବାରୁ ଯାଜପୁରବାସୀ ଗର୍ବିତ ବୋଲି କହିଥିଲେ।

ଖବରଦାତା ଆନନ୍ଦ ଚନ୍ଦ୍ର ସାହୁ ଯୋଗଦେଇ ଯାଜପୁର ପ୍ରେସ୍‌କ୍ଲବ୍ ମହାନ୍ତିଙ୍କ ପାଇଁ ରାଜ୍ୟରେ ସମ୍ମାନିତ ହୋଇଥିବାବେଳେ ଯାଜପୁର ଜିଲାରୁ ଜଣେ ପ୍ରତିଭାଙ୍କୁ ଯାଜପୁର ଆଇନଜୀବୀମାନେ ନିର୍ବାଚିତ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଯାଜପୁର ପ୍ରେସକ୍ଲବ୍ ସମ୍ପାଦକ ଅରୁଣ ରାଉତରାୟଙ୍କ ସଭାପତିତ୍ୱରେ କାର୍ଯ୍ୟକାରୀ ସଭାପତି ଆଦିତ୍ୟ ମେକାପ ସଭା ପରିଚାଳନା କରିଥିଲେ। ନବନିର୍ବାଚିତ ବାର କାଉନସିଲ ସଭ୍ୟ ମହାନ୍ତିଙ୍କୁ ଅତିଥିଙ୍କ ପକ୍ଷରୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଯାଜପୁର ପ୍ରେସ୍‌କ୍ଲବର ବରିଷ୍ଠ ସଦସ୍ୟ ଅକ୍ଷୟ ମହାନ୍ତି, ଜୟନ୍ତ କୁମାର ଗୋସ୍ୱାମୀ, ସମରଜିତ ମହାନ୍ତି, ଉପସଭାପତି ଦିଲୀପ ଦାସ, ବିରଜା ପ୍ରସାଦ ପାଣି, ମହେଶ୍ୱର ସାହୁ, ସଂଗଠନ ସମ୍ପାଦକ ତପନ ମହାନ୍ତି, ସଞ୍ଜିବ କୁମାର ନାୟକ, ଅକ୍ଷୟ କୁମାର ବିଶ୍ୱାଳ, ସମରବିଜୟ ସରଣ, ପ୍ରଦୀପ କୁମାର ବେହୁରିଆ ଓ ବିଭୁଦତ୍ତ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଖବରଦାତା ସନ୍ଦୀପ୍ତ ରାୟ ଧନ୍ୟବାଦ ଦେଇଥିଲେ। ପରେ ମା' ବିରଜାଙ୍କ ମନ୍ଦିରକୁ ଯାଇ ପ୍ରେସକ୍ଲବ ସଭ୍ୟମାନଙ୍କ ସହ ମହାନ୍ତି ମା'ଙ୍କୁ ଦର୍ଶନ କରିଥିଲେ।

# ବୈତରଣୀ ନଦୀବନ୍ଧ ମରଣଯନ୍ତା

## ତୁରନ୍ତ ମରାମତି ଦାବି

ପାଣିକୋଇଲି,୨୭।୭(ବିକାଶ ମଲ୍ଲିକ):



ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନଦୀବନ୍ଧ ରାସ୍ତା।

ବୈତରଣୀ ନଦୀବନ୍ଧ କେବଳ ନଦୀର ସୁରକ୍ଷା ପାଇଁ ନୁହେଁ ବରଂ ଜନସାଧାରଣଙ୍କ ଯାତାୟାତର ମୁଖ୍ୟରାସ୍ତା। କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ଗ୍ରାମଠାରୁ ବୈତରଣୀ ବ୍ରିଜ ପର୍ଯ୍ୟନ୍ତ ଏହି ନଦୀ ବନ୍ଧ ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ମୂଳାପାଳ ପଞ୍ଚାୟତବାସୀ ବ୍ୟାଙ୍କ୍, ସ୍କୁଲ୍, କଲେଜ ଓ ଲିଙ୍ଗେଶ୍ୱର ଶିଶୁମନ୍ଦିରଠାରୁ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟାଳୟକୁ ପ୍ରତ୍ୟହ ଯାତାୟାତ କରନ୍ତି। ହେଲେ ରାସ୍ତା ଏବେ ଯାତାୟାତ ଉପଯୋଗୀ ହୋଇ ରହିନାହିଁ। ଫଳରେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି ପଞ୍ଚାୟତବାସୀ।

କେତେଜଣ ଲୋକ ତଳ ଗ୍ରାମ ରାସ୍ତାରେ ଯାତାୟାତ କରୁଛନ୍ତି ତ ପୁଣି ଆଉ କେହି ପଞ୍ଚାୟତ କାର୍ଯ୍ୟାଳୟକୁ ଷଠିପୁର ଦେଇ ୫ କିଲୋମିଟର ବୁଲି ଆସିବାକୁ ପଡୁଛି। ହେଲେ ଠିକାସଂସ୍ଥା କାମ ଅଧାରୁ ଛାଡି ଛୁ ମାରିଛି। ୧୬ ନମ୍ବର ଜାତୀୟ ରାଜପଥର ବୈତରଣୀ ବ୍ରିଜଠାରୁ ରୁଡିଆ ପର୍ଯ୍ୟନ୍ତ ନଦୀବନ୍ଧକୁ ସୁଦୃଢ଼ ଓ ଚଉଡ଼ା କରିବା ପାଇଁ ପ୍ରକଳ୍ପ ଅନୁମୋଦନ ହୋଇଥିଲା। ଏହି ବନ୍ଧ ସୁଦୃଢ଼ ହେଲେ କେବଳ ପଞ୍ଚାୟତବାସୀ ଉପକୃତ ହେବେ ତାହା ନୁହେଁ, ଜାତୀୟ ରାଜପଥରୁ ଯାଜପୁର ଟାଉନକୁ ଯିବା ପାଇଁ ୫ କିଲୋମିଟର ରାସ୍ତା କମିଯିବ। ଖରାଦିନେ ଠିକାସଂସ୍ଥା ଓସିସି ପକ୍ଷରୁ ଏହି ବନ୍ଧରେ ମାଟି ପକାଯାଇ ଚଉଡ଼ା ଓ ଉଚ୍ଚା କରାଯାଇଥିଲା। ବର୍ଷାଦିନ ପୂର୍ବରୁ କାମ ସରିବା କଥା। କିନ୍ତୁ ଠିକାସଂସ୍ଥା କାମ ଛାଡ଼ି ପଳାଇଛି। ଫଳରେ ଉକ୍ତ ରାସ୍ତାରେ ଏବେ ଯାତାୟାତ ସମ୍ଭବ ହେଉନାହିଁ। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଏହି ରାସ୍ତା ମରାମତି ପାଇଁ ଦାବି ହୋଇଛି। ଏ ନେଇ ଜଳସମ୍ପଦ ବିଭାଗ ଯନ୍ତ୍ରୀ ନାରାୟଣ ନାୟକଙ୍କୁ ପଚାରିବାରୁ ସେ ଲୋକଙ୍କ ଦୁରବସ୍ଥା ସମ୍ପର୍କରେ ସ୍ୱୀକାର କରିବା ସହ ଠିକାସଂସ୍ଥାକୁ ତାଗିଦ କରାଯାଇଛି। ଏଥିସହିତ ଦିନେ ଦୁଇ ଦିନ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା ଜାରି ରହିଛି ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ବିରିଡି, ୨୭।୭ (ପ୍ରଶାନ୍ତ ରାଉତ):** ବିରିଡି ଥାନା ଅନ୍ତର୍ଗତ ନୂଆପାରି ଗ୍ରାମର ଗନ୍ଧର୍ବ ଭୋଇଙ୍କ ପୁଅ ଶଙ୍କର (୩୪) ଗୁରୁବାର ବୁଢ଼ାପଡ଼ା ପଞ୍ଚାୟତର ଘାଇ ପୋଖରୀରେ ପଡ଼ି ମୃତ୍ୟୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଶଙ୍କର ସେଠାରେ ବିଲରେ କାମ ସାରି ଉପରୋକ୍ତ ପୋଖରୀରେ ଗାଧୋଇବା ପାଇଁ ଯାଇଥିଲେ। ସେଠାରେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ବିରିଡି ଅଗ୍ନିଶମ ବିଭାଗ ସେଠାରେ ପହଞ୍ଚି ଶଙ୍କରଙ୍କ ମୃତଦେହ ଉଦ୍ଧାର କରିଥିଲେ। ତତ୍ ସହ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇ ଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିରିଡି ଥାନା ପୋଲିସ ମଅତଦେହକୁ ଜବତ କରିବା ସହ ନଂ. ୪/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି।

### ୨୭ ଗ୍ରାମ ବ୍ରାଉନସୁଗାର ଜବତ, ୪ ଗିରଫ

**ପାରାଦୀପ,୨୭।୭ (ଶରତ ରାଉତ):** ପାରାଦୀପ ଲକ୍ ଥାନା ପୋଲିସ ଗୁରୁବାର ୨୭ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ବ୍ୟବହାର କରୁଥିବା ଏକ କାର (ଓଡି ୦୨ ବିକ୍ୟୁ ୮୩୮୨)କୁ ମଧ ଜବତ କରିଛି। ଏ ନେଇ ନଂ. ୩୦୧/୨୩ରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ଅଶ୍ରୁମୋଚନ ବାରିକ, ପ୍ରଭାସ ପ୍ରଧାନ, ଜ୍ୟୋତିପ୍ରକାଶ ସ୍ୱାଇଁ ଓ ସୁଶାନ୍ତ ସେଠୀ। ୪ ଜଣ ଏହି ଥାନା ଅନ୍ତର୍ଗତ ଜଗତି ଛକରେ ବ୍ରାଉନସୁଗାର କାରବାର କରୁଥିବା ବେଳେ ପୋଲିସ ପାଟ୍ରୋଲିଂ ଟିମ୍ ଧରିଥିଲା। ଜବତ ବ୍ରାଉନସୁଗାର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି।

### ଯୁବତୀକୁ ଏସିଡ୍ ପକାଇ ମାରିଦେବାକୁ ଧମକ: ଜଣେ ଗିରଫ

**କୁଜଙ୍ଗ,୨୭।୭ (ମନୋଜ ପ୍ରଧାନ):** କୁଜଙ୍ଗ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଏସିଡ୍ ପକାଇ ମାରିଦେବାକୁ ଧମକ ଦିଆଯାଇଛି। ଏହି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମର ବାଦଲ ସାମଲ(୩୬) । ସେ ସମ୍ପୃକ୍ତା ଯୁବତୀଙ୍କୁ ଦୀର୍ଘଦିନ ହେବ ପିଛା କରିବା ସହ ଯୋର ଜବରଦସ୍ତ ବାହା ହେବାପାଇଁ କହୁଥିଲେ। ଏଥିରେ ଯୁବତୀ ଜଣକ ରାଜି ନ ହେବାରୁ ଶେଷରେ ଏସିଡ୍ ପକାଇ ଜାଳିଦେବାକୁ ଧମକ ଦେଇଛନ୍ତି । ଭୟଭୀତ ହୋଇ ଯୁବତୀ ଏସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତି କରି ମାମଲା (ନଂ.୨୧୨/୨୩) ରୁଜୁ କରିଛି। ଏହାପରେ ବାଦଲ ଫେରାର ହୋଇଯାଇଥିବାବେଳେ ପୋଲିସ ତାଙ୍କୁ ପାରାଦୀପରୁ ଗିରଫ କରିବାକୁ ସକ୍ଷମ ହୋଇଛି।

# ବିଶେଷଜ୍ଞ ଡାକ୍ତର ଅଭାବ: ରୋଗୀ ସେବା ବିପର୍ଯ୍ୟସ୍ତ

## ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ

- ଆଧୁନିକୀକରଣ ପାଇଁ ପ୍ରତିବର୍ଷ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା
- ରୋଗୀସେବା, ଅନୁଦାନ ବିନିଯୋଗକୁ ନେଇ ଅଧକ୍ଷ ଉଠାଇଲେ ପ୍ରଶ୍ନ

**କେନ୍ଦ୍ରାପଡ଼ା,୨୭।୭ (ଜଗନ୍ନାଥ ଧଳ)**

ଉତ୍ତମ ରୋଗୀ ସେବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ହେଲେ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ବହୁବିଧ ସମସ୍ୟା ଦେଇ ଗତି କରୁଛି। ଏହି ଅଞ୍ଚଳରେ ଦିନକୁଦିନ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସେମାନେ ଉଚିତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ବାଧ୍ୟ ହୋଇ ସ୍ଥାନୀୟ ରୋଗୀ ଘରୋଇ ମେଡିକାଲକୁ ଯାଉଛନ୍ତି। ବାରମ୍ବାର ଡାକ୍ତର ଓ ଅନ୍ୟ ପଦବୀ ପୂରଣ ପାଇଁ ଦାବି ହେଉଥିଲେ ହେଁ କେବଳ ପ୍ରତିଶ୍ରୁତି ମିଳୁଛି।

ପଟ୍ଟାମୁଣ୍ଡାଇରେ ରୋଗୀ ସେବା କ୍ଷେତ୍ରରେ ଅଗ୍ରଗତି ପାଇଁ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟ ସରକାର ୨୦୧୭ ସେପ୍ଟେମ୍ବର ୧୩ରେ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ଘୋଷଣା କରିଛନ୍ତି। ହେଲେ ଆବଶ୍ୟକ ସଂଖ୍ୟକ ବିଶେଷଜ୍ଞ ଡାକ୍ତର ଅଭାବ ରୋଗୀ ସେବାକୁ ବାଧାପ୍ରାପ୍ତ କରିଛି। ଏହି ଚିକିତ୍ସାଳୟ ଉପରେ ଆଳି, ରାଜନଗର, ରାଜକନିକା, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇ ଅଞ୍ଚଳର ଲୋକେ ନିର୍ଭର କରୁଛନ୍ତି। କିନ୍ତୁ ଡାକ୍ତର ଅଭାବ ଯୋଗୁ ଅନେକ ସମୟରେ ସାମାନ୍ୟ ରୋଗୀଙ୍କୁ ସ୍ଥାନାନ୍ତର କରି ଦିଆଯାଉଛି। ବିଭିନ୍ନ ବିଭାଗର ଏବେ ୧୯ଜଣ ଡାକ୍ତର ବଦଳରେ ୭ ଜଣ ଡାକ୍ତର ଅଛନ୍ତି। ୨୧ଜଣ ନର୍ସଙ୍କ ବଦଳରେ ୬ ଜଣ ଅଛନ୍ତି। ଏଭଳି ଅବ୍ୟବସ୍ଥାରେ ଚାଲିଛି ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ। ଫଳରେ ରୋଗୀ ବାଧ୍ୟ ହୋଇ ଘରୋଇ ମେଡିକାଲ ଯାଉଛନ୍ତି। ପ୍ରତିବର୍ଷ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରାଯାଉଥିବାରୁ ସ୍ଥାନାନ୍ତର ରୋଗୀଙ୍କ ସଂଖ୍ୟା ହ୍ରାସ ପାଇବା କଥା। ହେଲେ ଏହା ବଢ଼ି ଚାଲିଥିବାରୁ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟର ସ୍ୱାସ୍ଥ୍ୟସେବାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି।

ଅପରପକ୍ଷରେ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଆଧୁନିକୀକରଣ ପାଇଁ ପ୍ରତିବର୍ଷ ଅର୍ଥ ବ୍ୟୟ ହେଉଛି। ହେଲେ ବିଭିନ୍ନ ବିଭାଗରେ ଡାକ୍ତର, ବିଶେଷଜ୍ଞ ପଦବୀ ପୂରଣ କରାଯାଉନାହିଁ। ସାମାନ୍ୟ ଗୁରୁତର ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରି ଦିଆଯାଉଛି। ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ସମସ୍ତ ଚିକିତ୍ସା ସେବା ମିଳୁଥିବା ସରକାର କହୁଛନ୍ତି। ହେଲେ ରୋଗୀମାନେ ସେହି ସୁବିଧା ନ ପାଇ ଘରୋଇ ଡାକ୍ତରଖାନାକୁ ଯାଇ ଶୋଷଣର ଶିକାର ହେଉଛନ୍ତି। ଅନ୍ୟପକ୍ଷରେ ୨୦ ତାରିଖରେ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ରୋଗୀ




କଲ୍ୟାଣ ସମିତି ବୈଠକରେ ବାଦାନୁବାଦ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉପସ୍ଥିତ ଥିବା ରୋଗୀ କଲ୍ୟାଣ ସମିତି ସହ ଅଧକ୍ଷ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଡାକ୍ତରଖାନାରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ଓ ପରିମଳ ବ୍ୟବସ୍ଥାକୁ ନେଇ ଅଙ୍ଗୁଳି ଉଠାଇ ଥିଲେ। ରୋଗୀସେବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିବାବେଳେ ରୋଗୀ କଲ୍ୟାଣ ସମିତି ଅନୁଦାନ ବିନିଯୋଗକୁ ନେଇ ସନ୍ଦେହ ପ୍ରକଟ କରିଥିଲେ। ରୋଗୀ କଲ୍ୟାଣ ସମିତିକୁ ବାର୍ଷିକ ପ୍ରାୟ ୪୦ ଲକ୍ଷ ଟଙ୍କା ଆସୁଥିବାବେଳେ ତାହା କେଉଁ କାର୍ଯ୍ୟରେ ବିନିଯୋଗ ହେଉଛି ବୋଲି ପ୍ରଶ୍ନ କରିଥିଲେ। ବାର୍ଷିକ ବଜେଟରେ ବ୍ଲକ ଅଧକ୍ଷ ଦସ୍ତଖତ ନ କରି ଫେରାଇ ଦେଇଥିଲେ। ଭିତ୍ତିଭୂମିର ବିକାଶ ଓ ଉତ୍ତମ ରୋଗୀ ସେବା ଯୋଗାଇ ଦିଆ ନ ଗଲେ ସେ ତାଙ୍କ ପଦବୀ ଛାଡ଼ିବେ ବୋଲି କହିଥିଲେ। ଏହାକୁ ନେଇ ପଟ୍ଟାମୁଣ୍ଡାଇ ଡାକ୍ତରଖାନାରେ କିଛି ଠିକ୍ ଚାଲିନାହିଁ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଜାରି ରହିଛି। ମାତ୍ର ସରକାର ଓ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ପଟ୍ଟାମୁଣ୍ଡାଇବାସୀଙ୍କ ପ୍ରତି ଚରମ ଉପହାସ କରାଯାଉଛି ବୋଲି ଜନସାଧାରଣଙ୍କ ମଧ୍ୟରେ ଆଲୋଚନା ହେଉଛି। ରାଜ୍ୟ ସରକାର ଓ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ରୋଗୀସେବା ସମ୍ପର୍କରେ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସା ଅଧିକାରୀ ଡା. ନିରାକାର ପରିଡାଙ୍କୁ ପଚାରିବାରେ, ଚିକିତ୍ସାଳୟକୁ ଦୈନିକ ୩୦୦ରୁ ୪୦୦ ରୋଗୀ ଆସୁଛନ୍ତି। ଏହି ରୋଗୀମାନଙ୍କ ମଧ୍ୟରୁ ଏବେ ସର୍ବାଧିକ ୨୦ରୁ ୨୫ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଆବଶ୍ୟକ ବିଶେଷଜ୍ଞ ଡାକ୍ତର ଅଭାବ ସହ ରକ୍ତ ଭଣ୍ଡାର, ଲାବରେଟୋରି ବିଶେଷଜ୍ଞ ଅଭାବ ଥିବାରୁ ରୋଗୀସେବା ବାଧାପ୍ରାପ୍ତ ହେଉଛି ବୋଲି ସେ କହିଛନ୍ତି।

# ସଚିତ୍ରଙ୍କୁ ମାଡ଼ ମାମଲାରେ ଦାବିପତ୍ର ଦେଲା ଭାଜପା

**କେନ୍ଦ୍ରାପଡ଼ା, ୨୭।୭ (ଜଗନ୍ନାଥ ଧଳ)**

ମହାକାଳପଡ଼ା ଥାନା ବାଙ୍କିଛନ୍ଦା ଗ୍ରାମର ଦୃଷ୍ଟିବାଧିତ ତଥା ଦଳିତ ଯୁବକ ସଚିତ୍ର ବେହେରାଙ୍କୁ କେତେଜଣ ଦୁର୍ବୃତ୍ତ ୧୯ ତାରିଖରେ ମାଡ଼ ମାରିଥିଲେ। ଏ ନେଇ ଥାନାରେ ଅଭିଯୋଗ ସତ୍ତ୍ୱେ ଅଭିଯୁକ୍ତଙ୍କୁ ତଦନ୍ତ ପରିସରକୁ ଅଣାଯାଉନାହିଁ। ଏହି ମାଡ଼ ମାମଲାକୁ ମହାକାଳପଡ଼ା ଭାଜପା ନେତା ଗ୍ରହଣ କରିନାହାନ୍ତି। ଏ ସମ୍ପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ବରିଷ୍ଠ ନେତା ଭୁବନ ମୋହନ ଜେନାଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକଙ୍କୁ ଗୁରୁବାର ଦାବିପତ୍ର ଦିଆଯାଇଛି। ଏ ସମ୍ପର୍କରେ ବରିଷ୍ଠ ନେତା ଜେନା କହିଛନ୍ତି, ଦେଉଳପଡ଼ା ପଞ୍ଚାୟତର ସଚିନ୍ଦ୍ରଙ୍କୁ ହୀନ ରାଜନୈତିକ ଉଦ୍ଦେଶ୍ୟରେ ମାଡ଼ ମରାଯାଇଛି। ସେ ୧୯ ତାରିଖରେ ନିକଟସ୍ଥ ଦୋକାନକୁ ସଉଦା ପାଇଁ ଯାଇଥିଲେ। ଏହି ସମୟରେ ଗ୍ରାମର କେତେଜଣ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ମାଡ଼ ମାରିଛନ୍ତି। ମାଡ ମାରିବା ସହ



ଭାଜପା ପକ୍ଷରୁ ଏସ୍‌ଡିପିଓଙ୍କୁ ଦାବିପତ୍ର ଦିଆଯାଉଛି।

ଜାତିଆଣ ଆକ୍ଷେପ କରିଥିଲେ। ତାଙ୍କୁ ଜୀବନରୁ ମାରିଦେବାକୁ ଅଭିଯୁକ୍ତ ୩ ଜଣ ଧମକ ଦେଉଛନ୍ତି। ଏ ନେଇ ଥାନାରେ ମାମଲା ରୁଜୁ ସତ୍ତ୍ୱେ ଅଭିଯୁକ୍ତଙ୍କୁ ତଦନ୍ତ ପରିସରକୁ ଅଣାଯାଉନାହିଁ। ଫଳରେ ସ୍ଥାନୀୟ ଗ୍ରାମରେ ଏକ ଅଶାନ୍ତମୟ ପରିବେଶ ସୃଷ୍ଟି ହୋଇଛି। ମହାକାଳପଡା ପୋଲିସ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏସ୍‌ଡିପିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଏହି ମାମଲାର ତୁରନ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ଡିପିଓ ମଲ୍ଲିକ ପ୍ରତିଶ୍ରୁତି ଦେଇଥବା ବରିଷ୍ଠ ନେତା ଜେନା ସୂଚନା ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସଚିତ୍ରଙ୍କ ସହ ଭାଜପାର ପ୍ରତିନିଧି ଦଳ ସାମିଲ ହୋଇଥିଲେ।

# ନାବାଳିକାଙ୍କୁ ଅପହରଣ ଅଭିଯୋଗ: ଅଭିଯୁକ୍ତ ଗିରଫ

**କୁଜଙ୍ଗ,୨୭।୭ (ମନୋଜ ପ୍ରଧାନ)**

କୁଜଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସମ୍ପୃକ୍ତା ନାବାଳିକା ଜଣକ ୨୪ ତାରିଖରେ ସ୍କୁଲକୁ ପଢ଼ିବାକୁ ଯାଇଥିଲେ ମଧ ଘରକୁ ଫେରି ନ ଥିଲେ। ଏନେଇ ପରିବାର ଲୋକେ ଖୋଜାଖୋଜି କରିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହାକୁ ଭିତ୍ତି କରି ମାମଲା (ନଂ. ୩୬୩/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ କହିଛନ୍ତି। ଅପରପକ୍ଷେ ନାବାଳିକାଙ୍କୁ ଜଗତ୍‌ସିଂହପୁରସ୍ଥିତ ଜୁଭେନାଇଲ କୋର୍ଟରେ ହାଜର କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ରାଶନ ଚାଉଳ ହେରଫେର, ଡିଲର ନିଲମ୍ବିତ

**ଏରସମା, ୨୭।୭ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)**

ଏରସମା ବ୍ଲକ ଅନ୍ତର୍ଗତ ଗଡହରିଶପୁର ପଞ୍ଚାୟତର ରାଶନ ଚାଉଳ ହେରଫେର ଲାଗି ଡିଲରଙ୍କୁ ବିଭାଗ ପକ୍ଷରୁ ଗୁରୁବାର ନିଲମ୍ବିତ କରାଯାଇଛି। ସେ ହେଲେ ଗଡହରିଶପୁର ଗ୍ରାମର ଝାଡେଶ୍ୱର ମଣ୍ଡଳ। ସେ ଗଡହରିଶପୁର ଗ୍ରାମବାସୀଙ୍କୁ ଯୋଗାଣ ସାମଗ୍ରୀ ଯୋଗାଇ ଦେବା ପାଇଁ ନିଯୁକ୍ତ ହୋଇଥିଲେ। ବିଶେଷକରି ମଠସାହି, ସରବନ୍ତ, କୂଅବେଦା, ନୋଳିଆସାହି, ମୟୂରଲାଞ୍ଜି ପ୍ରଭୃତି ଗ୍ରାମର ୧୦୮୦ଜଣ ହିତାହିକାରୀଙ୍କୁ କଣ୍ଟ୍ରୋଲ ସାମଗ୍ରୀ ଯୋଗାଉଥିଲେ। ମାତ୍ର କିଛିଦିନ ହେବ ଝାଡେଶ୍ୱର ହିତାଧିକାରୀମାନଙ୍କୁ ଠିକ୍ ସମୟରେ ଚାଉଳ ଯୋଗାଉନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରି ଆସୁଥିଲେ। ୨୧ ତାରିଖରେ ଏରସମା ଯୋଗାଣ ଅଧିକାରୀ ବିବେକାନନ୍ଦ ମହାନ୍ତି ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଯୋଗାଣ ହିସାବ ଅନୁସାରେ ଝାଡ଼େଶ୍ୱରଙ୍କ ପାଖରେ ୩୦ କୁଇଣ୍ଟାଲ ଚାଉଳ କମ୍ ଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଝାଡ଼େଶ୍ୱରଙ୍କୁ ପଚାରିବାରୁ ୨୦୨୧ରେ ବର୍ଷା ବିପ୍ଳାତ ବେଳେ ୧୦୦ କୁଇଣ୍ଟାଲ ଚାଉଳ ଓଦା ହୋଇ ଯାଇଥିଲା। ତାକୁ ଭରଣା କରି ପାରି ନ ଥିବାରୁ ଲୋକେ ଅଭିଯୋଗ କରୁଛନ୍ତି ବୋଲି କହିଥିଲେ। ଯୋଗାଣ ଅଧିକାରୀ ମହାନ୍ତିଙ୍କୁ ପଚାରିବାରୁ ଝାଡେଶ୍ୱରଙ୍କ ପାଖରେ ୩୦ କୁଇଣ୍ଟାଲ ଚାଉଳ ନ ଥିଲା। ଏହି ଅନିୟମିତତା ପାଇଁ ତାଙ୍କୁ ନିଲମ୍ବନ କରାଯାଇଛି ବୋଲି କହିଥିଲେ।

# ପାରାଦୀପ ବନ୍ଦର କୌଣସି ଅନିୟମିତତା କରିନାହିଁ

**ପାରାଦୀପ, ୨୭।୭ (ଶରତ ରାଉତ)**

## ମଧୁର ବାଲି ଆଣ୍ଡାମାନ ରପ୍ତାନି ପ୍ରସଙ୍ଗ

ପାରାଦୀପ ବନ୍ଦର ବାଟେ ଏବେ ମଧୁର ବାଲି ଆନ୍ତଃ ରାଜ୍ୟ ପରିବହନ ଜରିଆରେ ଆଣ୍ଡାମାନ ରପ୍ତାନି ହେଉଛି। ଏହାକୁ କେତେକ ଗଣମାଧ୍ୟମ ଖବର କରିବା ସହ ଏଥିରେ ଅନିୟମିତତା ହେଉଥିବା ଖବର ପ୍ରକାଶ କରିଛନ୍ତି। ଉକ୍ତ ଖବର ସମ୍ପର୍କରେ ଗୁରୁବାର ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଏଥିରେ ଦର୍ଶାଯାଇଛି, ପାରାଦୀପ ବନ୍ଦର ଦେଶର ପ୍ରମୁଖ ବନ୍ଦର। ଏହି ବନ୍ଦର ଦେଇ ଅନେକ ପ୍ରକାର ପଣ୍ୟ କାରବାର ହେଉଛି। ଚଳିତବର୍ଷ ୧୩୫ ମିଲିୟନ ମେଟ୍ରିକ ଟନରୁ ଅଧିକ ପଣ୍ୟ କାରବାର ହେଲାଣି। କୋଷ୍ଟାଲ ଶିପିଂ ଜରିଆରେ ମଧ ପଣ୍ୟ କାରବାର ହେଉଛି। ପୋର୍ଟ କେବଳ ପଣ୍ୟ କାରବାର ସମ୍ପର୍କିତ ତଥ୍ୟ ଯାଞ୍ଚ କରିଥାଏ। ମଧୁର ବାଲିର ୱାଇ ଫର୍ମ ଆଧାରରେ ଗଚ୍ଛିତ ହୋଇଛି। ଉକ୍ତ ପଣ୍ୟ ସମ୍ପର୍କରେ କଷ୍ଟମ୍ସ କ୍ଲିୟରାନ୍ସ ରହିଛି। ଯେଉଁ ଜିଲାରୁ ବାଲି କିମ୍ବା ଅନ୍ୟ ପଣ୍ୟ ଆସୁଛି, ସେସବୁର କ୍ଲିୟରାନ୍ସ ସମ୍ପୃକ୍ତ ଜିଲା ପ୍ରଶାସନ ଯାଞ୍ଚ କରିଥାନ୍ତି। ତେଣୁ ଏହି ବାଲି ସମ୍ପର୍କରେ ବନ୍ଦର ପକ୍ଷରୁ କୌଣସି ଅନିୟମିତତା କରାଯାଇନାହିଁ।

# ଚୋରା ମଦ ବେପାରୀଙ୍କ ଉନ୍ମତ୍ତକାଣ୍ଡ: ୨ ଭାଇ ଗିରଫ

## ମଦ ବ୍ୟବସାୟକୁ ବିରୋଧ କରିବାରୁ ଭୁଜାଲିରେ ହାଣି ଗୋଡ଼ାଇଲେ

**କେନ୍ଦ୍ରାପଡ଼ା,୨୭।୭ (ଜନ୍ନନାଥ ଧଳ)**

ପଟ୍ଟାମୁଣ୍ଡାଇ ଗ୍ରାମାଚଂଳ ଥାନା ଅନର୍ଗତ ମାଳିପୁର ବୁଧବାର ସନ୍ଧ୍ୟାରେ ଚୋରା ମଦ ବ୍ୟବସାୟ କରୁଥିବା ଜଣେ ଯୁବକଙ୍କୁ ଗ୍ରାମବାସୀ ବିରୋଧ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସମ୍ପୃକ୍ତ ଯୁବକ ଓ ତାଙ୍କ ଭାଇ ଗ୍ରାମବାସୀଙ୍କୁ ଗାଳି ଗୁଲଜ କରିବା ସହ ହାତରେ ଭୁଜାଲି ଧରି ହାଣି ଦେବାକୁ ଧମକ ଦେଇଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ପୋଲିସ ୨ ଭାଇଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ମାଳିପୁର ଗ୍ରାମ ଓ ବଜାର ସଂଲଗ୍ନ ଏକ ସ୍କୁଲ ପରିସରରେ ଚୋରାମଦ ବ୍ୟବସାୟ ବେଧଡ଼କ ଭାବେ ଚାଲଥିଲା। ମାଳିପୁର ଗ୍ରାମର ଦୀପକ ମଳିକ ମଦ ବ୍ୟବସାୟ କରିଆସୁଥିଲେ। ଗ୍ରାମବାସୀ ଓ ମାଳିପୁର ବଜାର କମିଟି ଏହାକୁ ବିରୋଧ କରିଥିଲେ। ଫଳରେ ଦୀପକ ମଳିକ ଓ ତାଙ୍କ ଭାଇ ଆନନ୍ଦ ମଳିକ ୨ଟି ଭୁଜାଲି ହାତରେ ଧରି ବଜାର କମିଟି ସଭାପତି ଓ ସମ୍ପାଦକଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇ ଆତଙ୍କ ସୃଷ୍ଟି କରିଥିଲେ। ଏହି ଘଟଣାକୁ ମାଳିପୁର ଗ୍ରାମର ଅତନୁ ମଳିକ ବାରଣ କରିବାରୁ ଉଭୟ ଦୀପକ ଓ ଆନନ୍ଦ ତାଙ୍କୁ ଆକ୍ରମଣ କରିଥିଲେ। ଅତନୁ କୌଶଳକ୍ରମେ ଭୁଜାଲି ଚୋଟରୁ ବର୍ତ୍ତି ଯାଇଥିଲେ। କିନ୍ତୁ ଆନନ୍ଦଙ୍କ ଭୁଜାଲି ଚୋଟ ଭାଇ ଦୀପକ ଦେହରେ ବାଜିବାରୁ ସେ ଆହତ ହୋଇଥିଲେ। ଦୀପକ ଘଟଣାସ୍ଥଳରୁ ଫେରାର ହୋଇଯାଇ ଥିବାବେଳେ ଆନନ୍ଦକୁ ଗ୍ରାମବାସୀ ଓ ବଜାରର ବ୍ୟବସାୟୀମାନେ କାବୁ କରି ପୋଲିସ ଜିମା ଦେଇଥିଲେ। ଅତନୁଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିବା ଦୀପକଙ୍କୁ ପୋଲିସ ଗିରଫ କରିବା ପରେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ପିଲାଙ୍କ ଦକ୍ଷତା ବିକାଶ ପାଇଁ ଭଲ ଭିତ୍ତିଭୂମି ରହିଛି

**ପାରାଦୀପ,୨୭।୭ (ଶରତ ରାଉତ)**

## ନୂତନ ଶିକ୍ଷାନୀତିର ତୃତୀୟ ବର୍ଷ ପୂର୍ତ୍ତି

ଦେଶରେ ନୂତନ ଶିକ୍ଷାନୀତି ୨୦୨୦ର ତୃତୀୟ ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର କେନ୍ଦ୍ରୀୟ ବିଦ୍ୟାଳୟ ପାରାଦୀପ ବନ୍ଦର ପକ୍ଷରୁ ବିଶେଷ ସୂଚନା ଦିଆଯାଇଛି। ଏହି ଶିକ୍ଷାନୀତି ସମ୍ପର୍କରେ କେନ୍ଦ୍ରୀୟ ବିଦ୍ୟାଳୟ ଜଗତ୍‌ସିଂହପୁର ଅଧକ୍ଷ ଅଶ୍ୱିନୀ କୁମାର ପ୍ରଧାନ, ପାରାଦୀପ ବିଦ୍ୟାଳୟ ଅଧକ୍ଷ ଅଜୟ କୁମାର ସାହୁ, ସଂଯୋଜକ ସୂର୍ଯ୍ୟକାନ୍ତ ତ୍ରିପାଠୀ ସୂଚନା ଦେଇଥିଲେ। ସମଗ୍ର ଦେଶରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ କେନ୍ଦ୍ରୀୟ ବିଦ୍ୟାଳୟ ଏହି ଶିକ୍ଷାନୀତି ଲାଗୁ କରିଛି। ବାଲ୍ ବିକାଶ କାର୍ଯ୍ୟକ୍ରମ ଅଧୀନରେ ଏବେ ପ୍ରତ୍ୟେକ ବିଦ୍ୟାଳୟ ୩ ବର୍ଷ ପିଲାଙ୍କୁ ପ୍ରାରମ୍ଭିକ ଶିକ୍ଷା ଦେବ। ୬ ବର୍ଷରେ ସେହି ପିଲା ପ୍ରଥମ ଶ୍ରେଣୀରେ ନାମ ଲେଖାଇବେ। ପିଲାଙ୍କୁ ଷଷ୍ଠ ଶ୍ରେଣୀଠାରୁ ସେମାନଙ୍କ ପସନ୍ଦ ଅନୁଯାୟୀ ଦକ୍ଷତା ବିକାଶ ପାଠ୍ୟକ୍ରମ କରାଯିବ। ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ପସନ୍ଦର ଭାଷା ଅନୁସାରେ ପାଠ ପଢ଼ିବା ସହ ପରୀକ୍ଷା ଦେଇପାରିବେ। ଏମିତି ଅନେକ ପରିବର୍ତ୍ତନ ନୂତନ ଶିକ୍ଷାନୀତିରେ ରହିଛି। ଏପରିକି ନୂତନ ଶିକ୍ଷାନୀତି ଅନୁସାରେ ଶ୍ରେଣୀ କକ୍ଷ ନବୀକରଣ ପାଇଁ ୨ ଲକ୍ଷ ୭୫ ହଜାର ଟଙ୍କା ସରକାର ଦେଉଛନ୍ତି ବୋଲି ଅଧକ୍ଷ ପ୍ରଧାନ କହିଥିଲେ। ଏ ସମ୍ପର୍କରେ ସବିଶେଷ ସୂଚନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ଶନିବାର ଦେଶ ଉଦ୍ଦେଶ୍ୟରେ ଦେବେ। ଏହି ଶିକ୍ଷାନୀତି ଅନୁସାରେ ଓଡ଼ିଶା ମଧ ସାମିଲ ଅଛି। ୨୦୨୨ରେ ୩ଟି ବିଦ୍ୟାଳୟ ଏହି ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ କରିଥିଲେ। ୨୦୨୩ରେ ୨୨ ବିଦ୍ୟାଳୟ ଏହି ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ କରିଛନ୍ତି। ସମଗ୍ର ଦେଶରେ ଏବେ ୪୫୦ ବିଦ୍ୟାଳୟ ନୂତନ ଶିକ୍ଷାନୀତି ଲାଗୁ କଲେଣି। ଏଥିରେ କେନ୍ଦ୍ରୀୟ ବିଦ୍ୟାଳୟ ସହିତ ଜବାହର ନବୋଦୟ ବିଦ୍ୟାଳୟ ସାମିଲ ଅଛି। ଆସନ୍ତା କିଛି ବର୍ଷ ମଧ୍ୟରେ ସମସ୍ତ ବିଦ୍ୟାଳୟରେ ଏହା ଲାଗୁ ହେବ ବୋଲି କୁହାଯାଇଛି।




ନୂତନ ଶିକ୍ଷା ନୀତିକୁ ନେଇ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅତିଥି।

# ମହାନଦୀର ପ୍ରଥମ ବନ୍ୟାଜଳ ସମୁଦ୍ରରେ ମିଶୁଛି



**ମହାକାଳପଡ଼ା,୨୭।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ଚିରସ୍ରୋତା ମହାନଦୀ ପ୍ରବାହିତ ହେଉଛି। ହୀରାକୁଦରୁ ପ୍ରଥମ ବନ୍ୟାଜଳ ନିଷ୍କାସିତ ହେବା ପରେ ପ୍ରଥମଥର ଏହି ବନ୍ୟା ମହାକାଳପଡ଼ା ଅଞ୍ଚଳର ମହାନଦୀ ଜଳ ସମୁଦ୍ରରେ ମିଶୁଛି। ଏହି ମାଟି ମିଶ୍ରିତ ବନ୍ୟା ଜଳ ସମୁଦ୍ରରେ ମିଶିଲେ ଗଭୀର ଜଳରାଶିରୁ ଇଲିଶି ମାଛ ଯାଆଁଳ ଦେବା ପାଇଁ ମୁହାଣରେ ମିଶିଥିବା ମାଟିଆ ମିଠା ପାଣିରେ ଡିମ୍ବ ଛାଡ଼ି ଥାନ୍ତି। ଏହି ବର୍ଷାଦିନରେ ଇଲିଶି ମାଛ ବର୍ଷ କରେ ଥରେ ଅଣ୍ଡାଦାନ କରିବାକୁ ମୁହାଣ ଅଭିମୁଖେ ଆସୁଥିବା ଦେଖିବାକୁ ମିଳେ।



ବହାକୁଦ ଫେରି ଘାଟ ନିକଟ ମହାନଦୀରେ ବନ୍ୟାଜଳ ସମୁଦ୍ରରେ ମିଶୁଛି।

## ଇଲିଶି ଧରିବାକୁ ମତ୍ସ୍ୟଜୀବୀଙ୍କ ତତ୍ପରତା

ଏହି ସମୟରେ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଜାଲ ସାହାଯ୍ୟରେ ପ୍ରଚୁର ପରିମାଣରେ ଇଲିଶି ଧରି ବେଶ୍ ଭଲ ପଇସା ରୋଜଗାର କରନ୍ତି ବୋଲି ଜମ୍ବୁ ଅଞ୍ଚଳର ମତ୍ସ୍ୟଜୀବୀ ଶକ୍ତିପଦ ମିର୍ଦ୍ଧା କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ବର୍ଷରେ ସାଢ଼େ ୭ ମାସ ସାମୁଦ୍ରିକ ପ୍ରବେଶ କଟକଣା ଲାଗୁ ହେବା ପରେ ଏହି ଅଞ୍ଚଳର ପାରମ୍ପରିକ ସାମୁଦ୍ରିକ ମତ୍ସ୍ୟଜୀବୀମାନେ ଉକ୍ତ ସମୟରେ ଜୀବିକା ହରାଇ ଥାନ୍ତି। ତେବେ ବର୍ଷାଦିନ ୪ମାସ ଝଡ ବାତ୍ୟା ଭୟ ରହେ। ଏହି ବର୍ଷାଦିନରେ ଜୀବନ ଜୀବିକା ପାଇଁ ଆମ୍ଭେମାନେ ବନ୍ୟା ଜଳକୁ ଅପେକ୍ଷା କରିଥାଉ।

ବନ୍ୟା ଜଳ ସମୁଦ୍ରରେ ମିଶିଲେ ଗଭୀର ଜଳରାଶିରୁ ଇଲିଶି ମାଛ କୂଳ ଅଭିମୁଖେ ମାଟି ମିଶ୍ରିତ ବନ୍ୟା ଜଳ ଖାଇବାକୁ ଆସିଥାନ୍ତି। ମତ୍ସ୍ୟଜୀବୀମାନେ ଏହି ସମୟରେ ଇଲିଶି ଧରି ଭଲ ପଇସା ରୋଜଗାର କରିଥାନ୍ତି। ବର୍ଷକରେ ସବୁ ସମୟରେ ଏହି ମୂଲ୍ୟବାନ ସାମୁଦ୍ରିକ ମାଛ ମିଳେ ନାହିଁ। ଏହି ଇଲିଶି କିଲୋ ପ୍ରତି ବଜାର ଦର ଅଦ୍ୟାବଧି ୧ ହଜାରରୁ ୨ ହଜାର ଟଙ୍କାରୁ ଅଧିକ ରହିଛି ବୋଲି କୁହାଯାଇଛି। ବ୍ଲକର ଜମ୍ବୁ, ବଡିଘର, ଚୁଙ୍ଗି, ଖରିନାସୀ, ରାମନଗର, ବଉଳକଣି, ସୁନିତି, ତନ୍ତିଆପାଳ ଆଦି ଅଞ୍ଚଳର ମତ୍ସ୍ୟଜୀବୀ ବର୍ଷାଦିନରେ ସମୁଦ୍ରରୁ ଇଲିଶି ସମେତ ବିଭିନ୍ନ ପ୍ରଜାତିର ସାମୁଦ୍ରିକ ମାଛ ଧରି ପରିବାର ପ୍ରତିପୋଷଣ କରନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଜଣେ ମୃତ

ଜଗନ୍ନାଥପ୍ରସାଦ,୨୭।୭(ବିଭୁପ୍ରସାଦ ପଟ୍ଟନାୟକ): ଜଗନ୍ନାଥପ୍ରସାଦ ଥାନା ଡୁଙ୍ଗାପଲ୍ଲୀ ଗ୍ରାମର କୈଳାସ ନାଇକ (୪୦) ସାମ କାମୁଡ଼ାରେ ପ୍ରାଣ ହରାଇଛନ୍ତି। କୈଳାସ ଶୋଇଥିବା ବେଳେ ବୁଧବାର ରାତିରେ ତାଙ୍କୁ ଏକ ଚିତି ସାପ କାମୁଡି ଦେଇଥିଲା। କୈଳାଶଙ୍କୁ ମେଡିକାଲକୁ ନ ଜଣେ ବୈଦ୍ୟଙ୍କ ପାଖକୁ ନେଇ ଝଡାଫୁଙ୍କା କରିଥିଲେ। ଘରକୁ ଫେରିବାର କିଛି ସମୟ ପରେ କୈଳାଶଙ୍କ ଚେତା ପଳାଇବା ସହ ସମ୍ପୂର୍ଣ୍ଣ ଦେହ ନୀଳ ପଡିଯାଇଥିଲା। ଗୁରୁବାର ଘରଲୋକେ ଅନ୍ୟ ଜଣେ ବ୍ୟକ୍ତିଙ୍କ ପାଖକୁ ବିଷ ବାହାର କରିବା ନେଇଥିଲେ ମଧ ଉକ୍ତ ବ୍ୟକ୍ତି ଅନୁପସ୍ଥିତ ଥିବାରୁ ଜଗନ୍ନାଥପ୍ରସାଦ ମେଡିକାଲକୁ ଆଣିଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭଞ୍ଜନଗର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଆକ୍ରମଣ ଘଟଣାରେ ଜଣେ କୋର୍ଟଚାଲାଣ

ବୁଗୁଡ଼ା,୨୭।୭(କାଳିଚରଣ ଦାଶ): ବୁଗୁଡ଼ା ଥାନା ସୋଲଣ୍ଡି ଗ୍ରାମରେ ଆକ୍ରମଣ ଘଟଣାରେ ପୋଲିସ ଗୁରୁବାର ସୋଲଣ୍ଡି ଗ୍ରାମର ପିଣ୍ଟୁ ଭୂୟାଁଙ୍କୁ କୋର୍ଟ ଚାଲାଣ କରିଛି। । ଏ ନେଇ ବୁଗୁଡା ଥାନା ରେ ନଂ ୫୧୩/୨୩ରେ ମାମଲା ରୁଜୁ ହୋଇଛି। ଗତ ୧୫ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧରେ ମାରପିଟ ହୋଇଥିଲା। ମଦ ନିଶାରେ ଥିବା ପିଣ୍ଟୁ ସେହି ଗ୍ରାମର ମନୋଜ ଜେନାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇ କଟକ ଡାକ୍ତରଖାନାରେ ଚିକିତ୍ସାଧିନ ଥିବା ବେଳେ ଗୁରୁବାର ଗୋଟିଏ ଗୋଷ୍ଠୀର ପିଣ୍ଟୁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

### ଗୋଲାପ ଗଛ ରୋପଣ

କବିସୂର୍ଯ୍ୟନଗର,୨୭।୭(କୃପାସିନ୍ଧୁ ସ୍ୱାଇଁ)- କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ବୁଢ଼ାମ୍ବ ଗ୍ରାମପଞ୍ଚାୟତର ମୁସଲମାନ ବସ୍ତି ସହ କବର୍ ସ୍ଥାନ, ମସ୍‌ଜିଦ୍‌ରେ ଗୋଲାପ ଗଛ ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ଯୁବ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜୀବ ପୋଲାଇ, ସନ୍ତୋଷ ଡାକୁଆ, ବାବୁରାମ ବିଷୋୟୀ, ବକର ଅଲି ଖାଁ, ହମିଦ୍ ଖାଁ ଓ ଜୁଲଫିକର ଅଲି ଖାଁ ସହଯୋଗ କରିଥିଲେ।

### ମହିଳାଙ୍କ ଠାରୁ ଅଳଙ୍କାର ଲୁଟ୍

ଦିଗପହଣ୍ଡି,୨୭।୭(ଅଶେଷ ନାଥ ମିଶ୍ର)- ଦିଗପହଣ୍ଡି ବସଷ୍ଟାଣ୍ଡ ଠାରେ ଜୟନ୍ତୀ ମହାନ୍ତି ନାମ୍ନୀ ଜଣେ ମହିଳାଙ୍କୁ ନିଶା ଯୁକ୍ତ ମୃଦୁ ପାନୀୟ ଦେଇ ଜଣେ ଦୁର୍ବୃତ୍ତ ତାଙ୍କ ସୁନା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଦିଗପହଣ୍ଡି ବ୍ଲକ ଫାସିଗୁଡା ପଞ୍ଚାୟତ ଜଲମେରୀପଲ୍ଲୀ ଗ୍ରାମର ଜୟନ୍ତୀ ନିଜ ଝିଅ ଘର ଜରଡା ଗ୍ରାମକୁ ଯାଇଥିଲେ। ସେ ଗୁରୁବାର ବସରେ ଆସି ଦିଗପହଣ୍ଡି ବସଷ୍ଟାଣ୍ଡରେ ଓହ୍ଲାଇଥିଲେ। ନିଜ ଗ୍ରାମକୁ ଯିବା ପାଇଁ ବସକୁ ଅପେକ୍ଷା କରିଥିବା ବେଳେ ଜଣେ ଯୁବକ ବାଇକରେ ଆସି ତାଙ୍କର ପରିଚୟ ମାଗିବା ସହ ତାଙ୍କର ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟ କାର୍ଡ କରାଇଦେବି ବୋଲି କହିଥିଲେ। କିଛି ସମୟ କଥାବାର୍ତ୍ତା ହେବାପରେ ସେ ଏକ ମୃଦୁ ପାନୀୟ ବୋତଲ ପିଇବାକୁ ଦେଇଥିଲେ। ଏହା ପିଇବା ପରେ ସେ ଚେତା ଶୁନ୍ୟ ହୋଇଯାଇଥିଲେ। ପରେ ଦୁର୍ବୃତ୍ତ ଜଣକ କୌଶଳ କ୍ରମେ ତାଙ୍କ ବେକ ଓ କାନରୁ ପ୍ରାୟ ୨ ଭରି ଓଜନର ସୁନା ଅଳଙ୍କାର ଲୁଟି ନେଇଥିଲେ। କିଛି ସମୟ ପରେ ତାଙ୍କ ଚେତା ଫେରିବା ପରେ ସମସ୍ତ ଘଟଣା ଉପସ୍ଥିତ ଲୋକ ମାନଙ୍କୁ ଜଣାଇଥିଲେ। ଦିଗପହଣ୍ଡି ପୋଲିସ ପହଞ୍ଚି ମହିଳାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ମହିଳାଙ୍କ ଏତଲାକୁ ଭିତ୍ତିକରି ପୋଲିସ ଥାନା ମାମଲା ନଂ. ୨୬୯/୨୩ ଅନୁଯାୟୀ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି।

# ବିପଦପୂର୍ଣ୍ଣ ଅବସ୍ଥାରେ ନଦୀ ପାର ହେଉଛନ୍ତି ସ୍କୁଲ ପିଲା

## ଶିକ୍ଷକଙ୍କ ବାଇକ୍‌କୁ ଭାର କରି ନେଉଛନ୍ତି ଗାଁ ଲୋକେ

ଆର.ଉଦୟଗିରି,୨୭।୭(ମନୋଜ କୁମାର ପାଢୀ)


ନଦୀ ପାର ହୋଇଯାଉଛନ୍ତି ଛାତ୍ରୀଛାତ୍ର


ବାଇକ ପାର କରାଯାଉଛି।

ଗତ କିଛି ଦିନ ଧରି ଲଗାଣ ବର୍ଷା ଲାଗିରହିଥିବା ବେଳେ ନଦୀ ଗୁଡ଼ିକର ପାଣି ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ସ୍କୁଲ ପିଲା ମାନେ ବିପଦପୂର୍ଣ୍ଣ ଅବସ୍ଥାରେ ନଦୀ ପାର ହୋଇ ସ୍କୁଲ ଯାଉଛନ୍ତି। ଏଭଳିକି ସ୍କୁଲ ଶିକ୍ଷକଙ୍କ ବାଇକକୁ ଗାଁ ଲୋକେ ଭାର କରି ନେଉଛନ୍ତି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଦୁର୍ଗମ ପୁରୁଣାପାଣି ପଞ୍ଚାୟତ ବାଦପୁର ଗାଁରେ। ନଦୀରେ ପାଣି ବଢିବା ଯୋଗୁଁ ଶିକ୍ଷକ ଓ ଛାତ୍ରୀଛାତ୍ର ନଦୀ ଆରପଟେ ରହିଯାଇଥିଲେ। ଗାଁ ଲୋକେ ଶିକ୍ଷକଙ୍କ ବାଇକ୍ ପାର କରିବା ସହ ସ୍କୁଲ ପିଲା ମଧ ନଦୀ ପାର ହୋଇ ସ୍କୁଲ ଯାଇଥିଲେ। ବାଦପୁର ଗାଁ କୁ ଲାଗିରହିଛି ଘୋଡାହାଡ ନଦୀ। ପ୍ରତିବର୍ଷ ବର୍ଷା ଦିନରେ ଏହି ନଦୀରେ ପାଣି ବଢିବା ସହ ଲୋକେ ବିପଦ ସଙ୍କୁଳ ଅବସ୍ଥାରେ ଯାତାୟାତ କରିଥାନ୍ତି। ନଦୀ ଉପରେ ପୋଲ ନିର୍ମାଣ ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ କେହି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି।

# ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଆଲୋଚନା ସଭା

ଦିଗପହଣ୍ଡି,୨୭।୭ (ଅଶେଷନାଥ ମିଶ୍ର): ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡ ସ୍ଥିତ ସିପିଆଇ ଶାଖା କାର୍ଯ୍ୟାଳୟ ପରିସରରେ ଗୁରୁବାର ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଶାଖା ପକ୍ଷରୁ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ପର୍ଶୁ ବିଷୋୟୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସଂଘର ଉପଦେଷ୍ଟା ତଥା ଶ୍ରମିକ ସଙ୍ଗଠନ ଏଆଇଟିୟୁସିର ଜିଲା ସମ୍ପାଦକ ଅଳକ ନାଥ ମିଶ୍ର ଯୋଗ ଦେଇ ନିର୍ମାଣ ଶ୍ରମିକମାନଙ୍କ ବିବିଧ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଦିଗପହଣ୍ଡି ବ୍ଲକସ୍ତରରେ ନିର୍ମାଣ ଶ୍ରମିକ ସଂଘର ସାଙ୍ଗଠନିକ ଅଭିବୃଦ୍ଧି ସମ୍ପର୍କରେ ସଭାରେ ବିଧିବଦ୍ଧ ପ୍ରସ୍ତାବ ଗୃହିତ କରାଯାଇଥିଲା। ସହାୟତା ଆବେଦନକାରୀ ସମସ୍ତ ନିର୍ମାଣ ଶ୍ରମିକମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ ନିମନ୍ତେ ବ୍ରହ୍ମପୁରସ୍ଥିତ ଶ୍ରମ ଯୁଗ୍ମ କମିଶନରଙ୍କୁ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ ନିମନ୍ତେ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଲେବର ନେଟ୍ ଏବଂ ଭାସ୍କର ଫାଉଣ୍ଡେଶନ ପକ୍ଷରୁ କୁଶପଡ଼ା, କୋଟିନଡ଼ା, ସିଦ୍ଧେଶ୍ୱର, ବି.ତୁରୁବୁଡ଼ି ପ୍ରଭୃତି ପଞ୍ଚାୟତରେ ନିର୍ମାଣ ଶ୍ରମିକମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲେ ମଧ ସେମାନଙ୍କୁ କୌଣସି ପ୍ରକାର ଆର୍ଥିକ ସହାୟତା ମଞ୍ଜୁର କରାଯାଇ ନ ଥିବା ନେଇ ଆଲୋଚନା କରାଯାଇଥିଲା। ଶେଷରେ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଦିଗପହଣ୍ଡି ଶାଖାର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ରୂପେ କିଶୋର ଶତପଥି, ଉପ ସଭାପତି ପ୍ରଶାନ୍ତ ପ୍ରଧାନ, ସମ୍ପାଦକ ମନୋଜ ବିଷୋୟୀ, ସହସମ୍ପାଦକ ପର୍ଶୁ ବିଷୋୟୀ, କୋଷାଧକ୍ଷ ଲୋକନାଥ ବିଷୋୟୀ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ବାବୁ ବେହେରା, ରମେଶ ଭୁୟାଁ, ହେମ ସେଠୀ, ଗୋଲାପୀ ଗୌଡ଼, ରଞ୍ଜିତା ବିଷୋୟୀ, ବନମାଳୀ ମଳିକ ଏବଂ ଦଣ୍ଡପାଣି ସାହୁଙ୍କୁ ମନୋନୀତ କରାଯାଇଥିଲା।

# ପାରଳା ରେଳଷ୍ଟେଶନର ଉନ୍ନତୀକରଣ ପାଇଁ ଲେଖିଲେ ଏମ୍‌ପି

ପାରଳାଖେମୁଣ୍ଡି,୨୭।୭(ଗିରିଧାରୀ ପରିଛା)):

ପାରଳାଖେମୁଣ୍ଡି ରେଳ ଷ୍ଟେଶନର ଉନ୍ନତିକରଣ କାର୍ଯ୍ୟ ପାଇଁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ଚିଠି ଲେଖିଥିବା ଜଣାପଡିଛି। ରେଳ ଷ୍ଟେଶନର ଉନ୍ନତୀକରଣ କାର୍ଯ୍ୟ ପାଇଁ ରେଳ ବିଭାଗ ଯେଉଁ ପଦକ୍ଷେପ ନେଇଛନ୍ତି ସେଥିପାଇଁ ସେ କେନ୍ଦ୍ର ମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଧୀମା ଗତିରେ ଉନ୍ନୟନମୂଳକ କାର୍ଯ୍ୟ ଚାଲୁ ରହିଥିବା ଉଲ୍ଲେଖ କରିଛନ୍ତି। ଏମପି ସାହୁ ଆହୁରି ଉଲ୍ଲେଖ କରିଛନ୍ତି ଯେ, ପାରଳାଖେମୁଣ୍ଡି ସହର ତଥା ଆଖପାଖ ଅଞ୍ଚଳବାସୀ ମୁଖ୍ୟତଃ କୃଷି ଉପରେ ନିର୍ଭର କରିଥାନ୍ତି । କୃଷି ପାଇଁ ଆବଶ୍ୟକ ଯନ୍ତ୍ରପାତି, ସାର ଆଦି ସଠିକ ସମୟରେ ଉପଲବ୍ଧ ହେଉନଥିବାକୁ ନେଇ କେନ୍ଦ୍ର ରାସାୟନିକ ଓ ସାର ମନ୍ତ୍ରଣାଳୟ ପାରଳା ସହରରେ ବିଭିନ୍ନ ଯୋଜନାମାନ କରିବାପାଇଁ ସହମତି ଜଣାଇଛନ୍ତି। ହେଲେ ରେଳ ବିଭାଗ ପକ୍ଷରୁ କୃଷି ପାଇଁ ବିଭିନ୍ନ ଉପକରଣ ଓ ସାର ତଥା ଫର୍ଟିଲାଇଜର ଆଦି ଆଣିବା ପାଇଁ ସ୍ୱତନ୍ତ୍ର ରେଳ ବଗି ତଥା ର୍ୟାକ ପଏଣ୍ଟ ଉପଲବ୍ଧ ନାହିଁ। ତେଣୁ ଏହି ର୍ୟାକ ପଏଣ୍ଟ ନିର୍ମାଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଲାଗି ଅନୁରୋଧ ଜଣାଇଛନ୍ତି। ଏହି ସମସ୍ୟାକୁ ନେଇ ରେଳ ମନ୍ତ୍ରଣାଳୟକୁ ପୂର୍ବରୁ ମଧ ଅନୁରୋଧ କରାଯାଇଥିବା ଦର୍ଶାଇଛନ୍ତି। ସେହିଭଳି ଗଞ୍ଜାମ ଜିଲାର ବ୍ରହ୍ମପୁର ରେଳଷ୍ଟେଶନ ସମେତ ଅନ୍ୟାନ୍ୟ ଷ୍ଟେଶନର ସମସ୍ୟାର ସମାଧାନ ନିମନ୍ତେ ମଧ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଯୁବକଙ୍କ ମୃତଦେହ ଜବତ

ହିଞ୍ଜିଳିକାଟୁ,୨୭।୭(ଦ୍ୱିତୀକୃଷ୍ଣ ପଣ୍ଡା) ହିଞ୍ଜିଳି ଥାନା ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ବୁଧବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ଜଣଙ୍କ ହେଲେ ଛତ୍ରପୁର ଥାନା ମାଧପୁର ଗ୍ରାମର ବି. କ୍ରୀଷ୍ଣା ପାତ୍ର। ଯୁବକ ଜଣଙ୍କ ଗତ କିଛି ମାସ ପୂର୍ବେ ଶଶୁର ଘର ହିଞ୍ଜିଳି ଥାନା ଦାରୁଭଦ୍ରା ଗ୍ରାମରେ ରହି ଆସୁଥିଲେ। ବୁଧବାର ବିଳମ୍ବିତ ରାତିରେ ଯୁବକ ଜଣଙ୍କ ହଠାତ୍ ଗୁରୁତର ଅସୁସ୍ଥ ହୋଇ ପଡିବାରୁ ଶଶୁର ଘର ଲୋକେ ବେଲଗାଁ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର, ତାଙ୍କୁ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ହିଞ୍ଜିଳି ପୋଲିସ ନଂ.୧୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଛି।

# ସିସିଆର୍‌ଟି ଜାତୀୟ ମେଧାବୃତ୍ତି ପାଇଁ ଋତୁପର୍ଣ୍ଣା ମନୋନୀତ

ପୋଲସରା,୨୭।୭(ସୁବ୍ରତ ବେହେରା):


ଋତୁପର୍ଣ୍ଣା ମହାରଣା

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ସାଂସ୍କୃତିକ ସମ୍ବଳ ଓ ପ୍ରଶିକ୍ଷଣ କେନ୍ଦ୍ର (ସିସିଆରଟି) ତରଫରୁ ପ୍ରଦତ୍ତ ସାଂସ୍କୃତିକ ପ୍ରତିଭା ଅନ୍ୱେଷଣ ମେଧାବୃତ୍ତି ଯୋଜନା ମାଧମରେ ଭୁବନେଶ୍ୱର ଉପକଣ୍ଠ ସତ୍ୟଭାମାପୁରସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ-୨ର ଦଶମ ଶ୍ରେଣୀ ଛାତ୍ରୀ ଋତୁପର୍ଣ୍ଣା ମହାରଣା ପଟ୍ଟଚିତ୍ର ପ୍ରଶିକ୍ଷଣ ପାଇଁ ୨୦୨୧-୨୨ ଶିକ୍ଷା ବର୍ଷଠାରୁ ଗ୍ରାଜୁଏସନ୍ ସମାପ୍ତି ପର୍ଯ୍ୟନ୍ତ ମେଧା ବୃତ୍ତି ପାଇବା ପାଇଁ ସିସିଆରଟିର ନିର୍ଦ୍ଦେଶକ ଋଷି ବଶିଷ୍ଠ ସ୍ୱୀକୃତି ପ୍ରଦାନ କରିଛନ୍ତି। ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ଶିଳ୍ପୀ ଗ୍ରାମ ମଥୁରାରେ ଜନ୍ମିତ ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ରବୀନ୍ଦ୍ର କୁମାର ମହାରଣା ଓ ଅବନ୍ତୀ ମହାରଣାଙ୍କ ଏକମାତ୍ର କନ୍ୟା ଋତୁପର୍ଣ୍ଣା ପାଠପଢା ସହ ଚିତ୍ରାଙ୍କନ, ସଙ୍ଗୀତ ଓ ପଟ୍ଟଚିତ୍ରରେ ଅଭିରୁଚି ସହିତ ମାତାପିତାଙ୍କ ପ୍ରେରଣାର ସଫଳତା ଜାତୀୟସ୍ତରରେ ପହଞ୍ଚାଇ ପାରିଛି। ସଫଳତାର ସ୍ମାରକୀ ସ୍ୱରୂପ ଋତୁପର୍ଣ୍ଣା ସର୍ବଭାରତୀୟ କ୍ୟାମେଲ୍ କଲର୍ କଣ୍ଟେଷ୍ଟ, ଅର୍ନ୍ତଜାତୀୟ ଧଉଳି ଆର୍ଟଫେଷ୍ଟ, କଳାକଳ୍ପନା, କଳାମିତ୍ର ଫାଉଣ୍ଡେଶନ, କଳାରତ୍ନମ୍ ଫାଉଣ୍ଡେଶନ ଅଫ୍ ଆର୍ଟ ସୋସାଇଟି, ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ, ଜାତୀୟ ସଂଗ୍ରହାଳୟ ପ୍ରତିଷ୍ଠା ଦିବସ, କଳାନିକେତନ ପରି ବହୁ କଳା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡ଼ିଶା ଏବଂ ବିଦ୍ୟାଳୟ ପାଇଁ ଗୌରବ ସାଉଁଟିଛନ୍ତି।

# ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ



ଅଧିବେଶନରେ ଉପସ୍ଥିତ ଅତିଥି।

ରାୟଗଡ଼(ଗଜପତି)୨୭।୭

ରାୟଗଡ଼ ବ୍ଲକର ସଦଭାବନା ସଭାଗୃହଠାରେ ବୁଧବାର ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଉକ୍ତ ବୈଠକରେ ଉପାଧକ୍ଷ ଜ୍ୟୋତି ପ୍ରସାଦ ପାଣି, ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା କୁମାରୀ ଜେନା, ଜିଲା ପରିଷଦ ସଭ୍ୟା ଗୌତମୀ ଜାନି, ଏମ୍‌ପି ପ୍ରତିନିଧି ଅନ୍ତର୍ଯ୍ୟାମୀ ଗମାଙ୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକ ପ୍ରାରମ୍ଭରେ ଗତ କାର୍‌ଗିଲ ଯୁଦ୍ଧରେ ଦେଶ ପାଇଁ ବଳିଦାନ ଦେଇଥିବା ଶହୀଦ ଯବାନମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ଉନ୍ନୟନ, ପଶୁ ସମ୍ପଦ, କୃଷି, ଖାଦ୍ୟ ଯୋଗାଣ, ଉଦ୍ୟାନ, ସାମାଜିକ ଓ ସୁରକ୍ଷା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆଦି ବିଭାଗ ଉପରେ ଆଲୋଚନା ହୋଇଥିଲା। ଆମ ଓଡିଶା ନବୀନ ଓଡିଶା ଯୋଜନା ବିଷୟରେ ଅନୁଦାନ ପାଣ୍ଠିର ସଦୁପଯୋଗ ସମ୍ପର୍କରେ ବିଭିନ୍ନ ଅଧିକାରୀମାନେ ଲୋକପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଡିଓ ସୁଧୀର କୁମାର ସିଂ ପରିଚାଳନା କରିଥିଲେ।

# ବନ୍ଦ ଥିବା ବିଦ୍ୟାଳୟ ନଖୋଲିଲେ ଆନ୍ଦୋଳନ

ଚିକିଟି,୨୭।୭(ପ୍ରକାଶ ଚନ୍ଦ୍ର ସାହୁ):

ଚିକିଟି ବ୍ଲକ ଲାଲମେଣ୍ଟା ପଞ୍ଚାୟତ ଅନ୍ତର୍ଗତ ବିରମେଖପୁର ଗ୍ରାମର ଅତି ପୁରାତନ ପ୍ରାଥମିକ ବିଦ୍ୟାଳୟରେ କମ ଛାତ୍ରୀଛାତ୍ର ଥିବା ଦର୍ଶାଇ ଦୀର୍ଘ ତିନିବର୍ଷ ଧରି ବନ୍ଦଥିବା ବିଦ୍ୟାଳୟକୁ ପୁଣି ଖୋଲାଯିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଗତ ୭ ତାରିଖରେ ଜିଲାପାଳ, ବ୍ରହ୍ମପୁର ଉପଜିଲାପାଳ, ଚିକିଟି ବିଡ଼ିଓ, ତହସିଲଦାର, ଜିଲା ଶିକ୍ଷା ଅଧିକାରୀ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ଏସପି, ଏସଡିପିଓ, କେ ନୂଆଗାଁ ଥାନା ଅଧିକାରୀ ନିକଟକୁ ଲିଖିତ ଭାବେ ଜଣାଯାଇଛି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଗ୍ରାମର ଛାତ୍ରୀଛାତ୍ର ପ୍ରାୟ ୨ କି.ମି. ଯାଇ ବିରସିଂହପୁର ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଛନ୍ତି। ଫଳରେ ସେମାନଙ୍କର ଯାତାୟାତ ଓ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଛାତ୍ରୀଛାତ୍ରମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଦୃଷ୍ଟିକୁ ଆଖିଆଗରେ ରଖି ଗତ ୧୧.୧୧.୨୦୨୦ ତାରିଖରେ ଓଡିଶା ଉଚ୍ଚ ନ୍ୟାୟାଳୟରେ ଆଶ୍ରୟ ନେଇଥିଲୁ। ବିଚାରପତି ଏହାକୁ ହୃଦୟଙ୍ଗମ କରି ସ୍କୁଲ ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ଦୀର୍ଘ ୭ ମାସ ବିତିଯାଇଥିଲେ ସୁଦ୍ଧା ବିଦ୍ୟାଳୟ ଖୋଲାଯିବାର ନା ଗନ୍ଧ ନାହିଁ। ଏନେଇ ଗ୍ରାମବାସୀ ଗତ ୭ ତାରିଖରେ ଏକ ବୈଠକ କରି ସମସ୍ତ ପଦାଧିକାରୀଙ୍କ ନିକଟଙ୍କୁ ଲିଖିତ ଭବେ ଦାବିପତ୍ର କରିଛନ୍ତି। ୧୫ ଦିନ ଭିତରେ ବିଦ୍ୟାଳୟ ନ ଖୋଲାଯାଏ ତାହାହେଲେ ଉପଜିଲାପାଳଙ୍କ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଉତ୍କଳ ଖରୁଡ଼ା ସମାଜର ବୈଠକ


ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

କବିସୂର୍ଯ୍ୟନଗର,୨୭।୭(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଖରୁଡ଼ା ସମାଜର ବୈଠକ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ସଭାପତି ସୂର୍ଯ୍ୟନାରାୟଣ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମାଜର ବିଭିନ୍ନ ସମସ୍ୟା, ଏକତା, ମାନବୃଦ୍ଧି ଓ ପେଣ୍ଠ ଗଠନ ନିମନ୍ତେ ଆଲୋଚନା ହୋଇଥିଲା। ଉପସଭାପତି ଭିକାରି ଚରଣ ସେନାପତି, ସମ୍ପାଦକ ପ୍ରଦୀପ କୁମାର ନାୟକ, ସହ ସମ୍ପାଦକ ବାବୁ ନାୟକ ଓ ତ୍ରିନାଥ ନାୟକ, କୋଷାଧକ୍ଷ ସୁଧାକର ନାୟକ, ଉପଦେଷ୍ଟା ଲିଙ୍ଗରାଜ ନାୟକ ଓ ଯୋଗୀନ୍ଦ୍ର ସେନାପତି ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ସୁଦର୍ଶନ ନାୟକ, ଅମୁଲ୍ୟ କୁମାର ନାୟକ, ବସନ୍ତ ସେନାପତି,ବାବୁଲା ନାୟକ, ସନ୍ୟାସୀ ନାୟକ, ଜୟ ସେନାପତି, ରବିନାରାୟଣ ନାୟକ, ପ୍ରଦୀପ ସୁବୁଦ୍ଧି, ସନ୍ୟାସୀ ନାୟକ, ଗଣେଶ ସେନାପତି, ନୀଳମାଧବ ସେନାପତି, ପ୍ରମୋଦ ସେନାପତି, ବିଜୟ ନାୟକ ଉପସ୍ଥିତ ଥିଲେ।

# ଶିଶୁ ଲେଖନୀ କର୍ମଶାଳା

ଗଞ୍ଜାମ,୨୭।୭(ବିଦ୍ୟାଧର ସାହୁ)

ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ, ଗଞ୍ଜାମ ବ୍ଲକ ତରଫରୁ ସନ୍ତୋଷପୁର କ୍ଲଷ୍ଟରରେ ଜାତୀୟ ସ୍ତରରେ ସମନ୍ୱିତ ଶିଶୁ ଲେଖକ କର୍ମଶାଳା ମାଧମରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନକୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। କୁଶପଲ୍ଲୀ ପ୍ରାଥମିକ ବିଦ୍ୟାଳୟ, ୯୩ତମ କର୍ମଶାଳାରେ ଶୁଭଶ୍ରୀ ପଲେଇ, ଅଂଶୁମାନ ତରାଇ, ଆୟୁସା ତରାଇ, ତନୁଶ୍ରୀ ସାହୁ, ଭାଗ୍ୟଶ୍ରୀ ସାହୁ, ଶ୍ରଦ୍ଧାଞ୍ଜଳି ବିଶ୍ୱାଳ, ଏଲିନା ବିଶ୍ୱାଳ, ତପସ୍ୱିନୀ ବିଶ୍ୱାଳ, ଲିପ୍ସିତା ବିଶ୍ୱାଳ ପ୍ରମୁଖ ଛାତ୍ରୀଛାତ୍ରଗଣ ଗଦ୍ୟ ପଠନ , ପଦ୍ୟ ଆବୃତ୍ତି ଓ ଲିଖନରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିବାବେଳେ ସେହିପରି ୯୪ତମ କର୍ମଶାଳା ସାନଗୋପାଳପୁର ପ୍ରାଥମିକ ବିଦ୍ୟାଳୟ ଆୟୋଜନ କରିଥିଲା। ଯେଉଁଥିରେ ଲିସା ତରାଇ, ତପସ୍ୟା ତରାଇ, ଶ୍ରୀୟା ତରାଇ, ସାଧନା ରାଣୀ ତରାଇ, ଅର୍ଚ୍ଚନା ପାତ୍ର, ଅମିତ ଦାସ ଭାଗ ନେଇଥିଲେ। ସରକାରଙ୍କ ତରଫରୁ ଚାଲୁଥିବା ଅଭିଯାନରେ ସ୍କୁଲ ପିଲାଙ୍କ ନିମନ୍ତେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ସୁନିଶ୍ଚିତ କରିବାକୁ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗୀରଥି ବେହେରା, ବି.ଆର.ସି.ସି ବିଜୟ ଚନ୍ଦ୍ର ବେହେରା ଏବଂ କର୍ମଶାଳାର କ୍ଲଷ୍ଟର ସଂଯୋଜକ ବସନ୍ତ ଶାସମଲ ପରିଦର୍ଶନରେ ଥିବାବେଳେ ଶରତ ବେହେରା, ସିଆରସିସି ସନ୍ତୋଷପୁର କ୍ଲଷ୍ଟର, କୁଶପଲ୍ଲୀ ପ୍ରାଥମିକ ବିଦ୍ୟାଳୟ ସଭାପତି, ପ୍ରଧାନଶିକ୍ଷକ ରବୀନ୍ଦ୍ର ସାହୁ କାର୍ଯ୍ୟକ୍ରମ ସୁପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରଶଂସା ପତ୍ର ସହ କବି ଭାଗୀରଥି ବେହେରାଙ୍କ ଦ୍ୱାରା ରଚିତ ଶିଶୁ କବିତା ପୁସ୍ତକ ପିଲାଙ୍କ ପ୍ରାର୍ଥନା ବିତରଣ କରାଯାଇଥିଲା।

# ସରପଞ୍ଚ ମହାସଂଘର ଜିଲାପାଳଙ୍କୁ ଦାବିପତ୍ର

ଫୁଲବାଣୀ, ୨୭।୭(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ସରପଞ୍ଚ ମହାସଂଘ ପକ୍ଷରୁ ବିଭିନ୍ନ ଦାବି ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ପଞ୍ଚାୟତିରାଜ ନିୟମ ଅନୁଯାୟୀ ୨୯ଟି ଦାୟିତ୍ୱ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। କିନ୍ତୁ ସରପଞ୍ଚମାନଙ୍କୁ ଅଣଦେଖା କରାଯାଉଛି। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ସରପଞ୍ଚ ହେଉଛନ୍ତି ମୂଳ। ହେଲେ ମାସିକ ଭତା ମାତ୍ର ୨୩୫୦ ଟଙ୍କା ମିଳୁଛି। ପଞ୍ଚାୟତସ୍ତରରେ ପାନୀୟ ଜଳ, ପରିମଳ ବ୍ୟବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପଞ୍ଚାୟତ ପରିବର୍ତ୍ତେ ପଞ୍ଚାୟତ ସମିତି ମାଧମରେ କରାଯାଉଛି। ଆମ ଓଡିଶା ନବୀନ ଓଡିଶା ଅର୍ଥ ରାଶି ସିଧାସଳଖ ପଞ୍ଚାୟତକୁ ହସ୍ତାନ୍ତର କରିବା, ସରପଞ୍ଚଙ୍କ ଅନାସ୍ଥା ପ୍ରସ୍ତାବକୁ


ସରପଞ୍ଚମାନେ ଦାବିପତ୍ର ଦେବାକୁ ଆସିଛନ୍ତି।

ଉଚ୍ଛେଦ କରିବା, ମାସିକ ୫୦ ହଜାର ଟଙ୍କା ଭତ୍ତା, ପଞ୍ଚାୟତକୁ ଜରୁରୀକାଳୀନ ପାଣ୍ଠି ବ୍ୟବସ୍ଥା, ସରପଞ୍ଚଙ୍କ ସ୍ଥାୟୀ ପାଣ୍ଠି ବ୍ୟବସ୍ଥା, ଅବସରକାଳୀନ ଭତା ୫୦୦୦, ଜୀବନ ବୀମା ୧୦ ଲକ୍ଷ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସଂଘ ସଭାପତି ସୁଦର୍ଶନ କହଁର, ଉପ ସଭାପତି ଜାନକୀ ପ୍ରଧାନ, ସମ୍ପାଦକ ସଞ୍ଜୟ ନାୟକ, କୋଷାଧକ୍ଷ ରୋହିତ କହଁର ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ଅବ୍ୟବସ୍ଥାରେ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

କାଶୀନଗର, ୨୭।୭ (ଟି.କ୍ରିଷ୍ଣାରାଓ):

ଗଜପତି ଜିଲା କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ ମଞ୍ଜୁରୀ ପ୍ରାପ୍ତ ଡାକ୍ତର ପଦବୀ ରହିଛି । କିନ୍ତୁ ୭ ଜଣ ଡାକ୍ତର ବର୍ତ୍ତମାନ ଅଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ଚୁକ୍ତିଭିତ୍ତିକ ପଦବୀରେ ଥିବା ବେଳେ ୩ ଜଣ ସ୍ଥାୟୀ ନିଯୁକ୍ତି ପାଇ କାର୍ଯ୍ୟ କରୁଥିବା ଜଣାପଡିଛି। କୌଣସି ବିଶେଷଜ୍ଞ କି ମହିଳା ଡାକ୍ତର ନାହାନ୍ତି। ପୂର୍ବରୁ ଜଣେ ମହିଳା ଏମ୍‌ବିବିଏସ ଡାକ୍ତର ଥିଲେ। ତାଙ୍କୁ ବର୍ତ୍ତମାନ ଅନ୍ୟତ୍ର ଅବସ୍ଥାପିତ କରାଯାଇଥିବା ଜାଣିବାକୁ ମିଳିଛି। ସେହିପରି ଡେଣ୍ଟାଲ ସର୍ଜନଙ୍କ ବଦଳି ପରେ ଉକ୍ତ ପଦବୀ ବି ଖାଲିପଡିଛି। କାଶୀନଗରବାସୀଙ୍କ ବାରମ୍ବାର ଦାବି ଓ କାଶୀନଗର ନାଗରିକ ମହାସଭାର ଆନ୍ଦୋଳନ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଜଣେ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ ସପ୍ତାହରେ ଦୁଇ ଦିନ କାଶୀନଗର ଆସୁଥିଲେ। ବର୍ତ୍ତମାନ ସେ ଆଉ ଆସୁ ନଥିବା ଜଣାପଡିଛି। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଗର୍ଭବତୀ ଓ ଆସନ୍ନପ୍ରସବା ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗରୁ ବିଶେଷଜ୍ଞ ଡାକ୍ତର ଥିବାବେଳେ ଦୈନିକ ହାରାହାରି ୨୦୦ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିଲେ। ବର୍ତ୍ତମାନ ମାତ୍ର ୮୦ ରୁ ୧୦୦ ଭିତରେ ରୋଗୀ ଆସୁଛନ୍ତି।



କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ।

## ବହୁ ପଦବୀ ଖାଲି

ଭାରପ୍ରାପ୍ତ ମେଡିକାଲ ଅଫିସର ଦୁର୍ଗା ପ୍ରସାଦ ପଣ୍ଡା କହିଛନ୍ତି ଯେ, ଉପଲବ୍ଧ ସୁବିଧା ସୁଯୋଗ ଆଧାରରେ ଯେତିକି ସମ୍ଭବ ସେତିକି ନିଷ୍ଠାର ସହ କରାଯାଉଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂଆ ବିଲଡିଂ ନିର୍ମାଣାଧୀନ ରହିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ଥିଲେ ବି ସେମାନଙ୍କ ପାଇଁ ୪ଟି କ୍ୱାର୍ଟର ରହିଛି। ସେଥିରୁ ପୁଣି ଦୁଇଟି ମାତ୍ର ବାସୋପଯୋଗୀ। ଅନ୍ୟ ଦୁଇଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡିଛି। ତୁରନ୍ତ ଖାଲିଥିବା ବିଶେଷଜ୍ଞ ପଦବୀ ପୂରଣ, ଜଣେ ଗାଇନିକ ସ୍ପେଶାଲିଷ୍ଟ ନିଯୁକ୍ତି ଓ ସବୁ ଡାକ୍ତରଙ୍କ ପାଇଁ କ୍ୱାର୍ଟର ନିର୍ମାଣ ସକାଶେ କାଶୀନଗର ଜନସାଧାରଣ ଦାବି ରଖିଛନ୍ତି ।

# ବ୍ରାହ୍ମଣୀକୁ ଶୌଚ ପାଇଁ ଯାଇଥିବା ଯୁବକଙ୍କୁ ଝାମ୍ପିନେଲା କୁମ୍ଭୀର

କେନ୍ଦ୍ରାପଡ଼ା,୨୭।୭(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଧୋୟାଞ୍ଚଳର ଘାଗରାଡ଼ିଆ ଗାଁର ଜଣେ ବୃଦ୍ଧଙ୍କୁ ନିକଟରେ କୁମ୍ଭୀର ମାରି ଦେବା ଘଟଣା ଲୋକଙ୍କ ମନରୁ ନ ଲିଭି ନାହିଁ, ପୁଣି ଗୁରୁବାର ରାତି ୮ଟାରେ ବ୍ରାହ୍ମଣୀ ନଦୀକୁ ଶୌଚ ପାଇଁ ଯାଇଥିବା କୂଳସାହି ଗାଁର ଜଣେ ଯୁବକଙ୍କୁ କୁମ୍ଭୀର ଝାମ୍ପି ନଦୀ ମଧ୍ୟକୁ ନେଇଯାଇଛି। ପଟ୍ଟାମୁଣ୍ଡାଇ ଥାନା ପେଣ୍ଠପାଳ ପଞ୍ଚାୟତ କୂଳସାହି ଗାଁର ଅମୂଲ୍ୟ ଦାସ (୪୫) ଓରଫ ଟିଙ୍କିନା ବାବା ରାତି ୮ଟାରେ କପଡ଼ା ନେଇ ଶୌଚ ହେବାକୁ ବ୍ରାହ୍ମଣୀ ନଦୀକୁ ଯାଇଥିଲେ। ମାତ୍ର ଶୌଚ ସମୟରେ ହଠାତ ଏକ କୁମ୍ଭୀର ଆକ୍ରମଣ କରି ତାଙ୍କୁ ନଦୀ ମଧ୍ୟକୁ ଟାଣି ନେଇଛି। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକ ଓ ପରିବାର ସଦସ୍ୟମାନେ ନଦୀ କୂଳକୁ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ପରେ ସ୍ଥାନୀୟ ଲୋକମାନେ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ମାତ୍ର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ ମଧ୍ୟ ରାତି ଅନ୍ଧକାର ଯୋଗୁଁ ନିଖୋଜ ଅମୂଲ୍ୟଙ୍କୁ ଠାବ କରିବା ସମ୍ଭବ ହୋଇନାହିଁ। ବ୍ରାହ୍ମଣୀ ନଦୀକୂଳରେ ଲୋକଙ୍କ ଭିଡ଼ ଲାଗି ରହିଛି। ଏହି ଘଟଣା ସମଗ୍ର ଧୋୟାଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ବାରମ୍ବାର କୁମ୍ଭୀର ଆକ୍ରମଣ ଘଟଣା ଘଟିବା ଯୋଗୁଁ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି।

ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ବାରମ୍ବାର କୁମ୍ଭୀର ଆକ୍ରମଣ ଘଟଣା ଲାଗି ରହିଥିଲେ ମଧ୍ୟ ବନ ବିଭାଗ କି ଜିଲା ପ୍ରଶାସନ ପକ୍ଷରୁ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜୁନ, ଜୁଲାଇ ମାସରେ କେନ୍ଦ୍ରାପଡ଼ା ଜିଲାରେ କୁମ୍ଭୀର ମୁହଁରେ ଜୀବନ ଯିବା ଏହା ୪ର୍ଥ ଘଟଣା। ଜୁନ ମାସର ପହିଲି ରଜରେ ପଟ୍ଟାମୁଣ୍ଡାଇ ନିମପୁରୁ ଗ୍ରାମର ଆଶୁତୋଷ ଆଚାର୍ଯ୍ୟ, ସେହିମାସ ୨୧ ତାରିଖରେ ରାଜନଗର ହାତିଆଗଡ଼ି ଗାଁର ମହିଳା ସୀତାରାଣୀ ଦାସ(୪୨)ଙ୍କୁ କୁମ୍ଭୀର ଟାଣି ନେଇଥିଲା। ସେହିପରି ଜୁନ ମାସରେ ଘାଗରାଡ଼ିଆ ଗ୍ରାମର ଜଣେ ବୃଦ୍ଧ ଗଙ୍ଗାଧର ତରାଇ ସକାଳେ ଶୌଚ ହେବାକୁ ନଦୀକୁ ଯାଇଥିବା ବେଳେ କୁମ୍ଭୀର ଟାଣି ନେଇ ମାରି ଦେଇଥିଲା। ପୁଣି ଗୁରୁବାର କୂଳସାହି ଗ୍ରାମର ଅମୂଲ୍ୟଙ୍କୁ କୁମ୍ଭୀର ଟାଣି ନେଇଛି। ଏହା ଜଣାପଡ଼ିବା ପରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଛି। ସ୍ଥାନୀୟ ଲୋକେ ଅମୂଲ୍ୟଙ୍କୁ ବ୍ରାହ୍ମଣୀ ନଦୀରେ ଖୋଜାଖୋଜି ଜାରି ରଖିଛନ୍ତି। ପଟ୍ଟାମୁଣ୍ଡାଇ ପୂର୍ବତନ ଅଧ୍ୟକ୍ଷ ମାନସ ରଞ୍ଜନ ସାମଲ, ପେଣ୍ଠପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ ଓ ସମାଜିକ କର୍ମୀ କୈଳାସ ସେଠୀ ପ୍ରମୁଖ ଧୋୟାଞ୍ଚଳ ଲୋକମାନଙ୍କୁ କୁମ୍ଭୀର ଆକ୍ରମଣରୁ ସୁରକ୍ଷା ଦେବାକୁ ବ୍ରାହ୍ମଣୀ ନଦୀକୂଳରେ କୁମ୍ଭୀର ସୁରକ୍ଷା ପ୍ରାଚୀର ନିର୍ମାଣ କରିବାକୁ ଦାବି କରିଛନ୍ତି। ବନ ବିଭାଗ ଉପଦ୍ରବ କରୁଥିବା କୁମ୍ଭୀରମାନଙ୍କୁ ଧରି ଭିତରକନିକା ଅଭୟାରଣ୍ୟରେ ଛାଡ଼ିବାକୁ ଦାବି କରାଯାଇଛି।

### ଧୋୟାଞ୍ଚଳରେ ପୁଣି କୁମ୍ଭୀର ଆତଙ୍କ, ଅଞ୍ଚଳବାସୀ ଭୟଭୀତ


ଅମୂଲ୍ୟ ଦାସ

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ: କେନାଲରୁ ମୃତଦେହ ଜବତ

ମାହାଙ୍ଗା,୨୭।୭ (ଯଯାତି ସିଂହ)

ମାହାଙ୍ଗା ଥାନା ଶ୍ରୀକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀକୃଷ୍ଣପୁର(କୁଆଁପାଳ) ଦଳିତସାହିର ଜଣେ ବିଧବାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ସ୍ୱର୍ଗତ ନିରଞ୍ଜନ ଜେନାଙ୍କ ସ୍ତ୍ରୀ ଲତା(୪୨)। ପଟ୍ଟାମୁଣ୍ଡାଇ କେନାଲ ପାର୍ଶ୍ୱ ନାଳିଆ ମଧ୍ୟରେ ତାଙ୍କ ମୃତଦେହ ପଡ଼ିଥିବା ନେଇ ପୁଅ ଗୁରୁବାର ପୋଲିସ ଖବର ଦେଇଥିଲେ। ଏନେଇ ଲତାଙ୍କ ବିବାହିତ ଝିଅ ଚିନ୍ମୟୀ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ ଥାନା ଆଇଆଇସି ବିଜୟ କୁମାର ମଳିକ, ଏସ୍ଆଇ ଇପ୍ସିତା ପ୍ରିୟଦର୍ଶନୀ,ଏଏସ୍ଆଇ ଭୀଷ୍ମ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ । ଏଥିସହ ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ତଦନ୍ତ କରାଯାଇଛି। ପୋଲିସ ଥାନାରେ ଅପମୃତ୍ୟୁ ମାମଲା (ନଂ.୧୮/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ଆଇଆଇସି ମଳିକ ସୂଚନା ଦେଇଛନ୍ତି। ଲତାଙ୍କ ସହ ଜଣେ ସମ୍ପର୍କୀୟଙ୍କ ଦୀର୍ଘଦିନ ହେବ ବିବାଦ ଲାଗି ରହିଥିବାରୁ ତାଙ୍କ ମୃତ୍ୟୁକୁ ସନ୍ଦେହ ବଢ଼ିବାରେ ଲାଗିଥିବା କୁହାଯାଉଛି।

## ସଂକ୍ଷେପରେ

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ଚଣ୍ଡିଖୋଲ,୨୭।୭(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ବ୍ଲକ ରଇପୁର ପଞ୍ଚାୟତ ଅନ୍ତର୍ଗତ ପାଥପୁର ଗ୍ରାମର ବରିଷ୍ଠ ବିଜେଡି ନେତା, ପୂର୍ବତନ ସରପଞ୍ଚ ତଥା ରଇପୁର ପ୍ରାଥମିକ କୃଷି ସମବାୟ ସମିତି ସଭାପତି ବ୍ରଜମୋହନ ସାମଲ(୭୧)ଙ୍କ ବୁଧବାର ରାତିରେ କଟକର ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ସେ ୮ ଦିନ ତଳେ ମସ୍ତିଷ୍କାଘାତର ଶିକାର ହୋଇଥିଲେ। ସାମଲ ୧୯୯୫-୨୦୦୦ ମସିହା ପର୍ଯ୍ୟନ୍ତ ରଇପୁର ସରପଞ୍ଚଭାବେ ନିର୍ବାଚିତ ହୋଇଥିବାବେଳେ ୩ ଥର ରଇପୁର କୃଷି ସମବାୟ ସମିତି ସଭାପତି ଭାବେ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଥିଲେ। ମରଶରୀର ଗାଁରେ ପହଞ୍ଚିବା ପରେ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ରଇପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧାପନା ମଣ୍ଡଳୀଙ୍କ ସହ ଛାତ୍ରୀଛାତ୍ର ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ବିଭୁପ୍ରସାଦ ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଗଣେଶ୍ୱର ବେହେରା, ସମବାୟ ସମିତି କାର୍ଯ୍ୟାଳୟଠାରେ ବାଲିଚନ୍ଦ୍ରପୁର କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଦେବେନ୍ଦ୍ର କୁମାର ଦେଓ, ସଭାପତି ନିରଞ୍ଜନ ବିଶ୍ୱାଳ, ପ୍ରତାପ ନାୟକ, ଚନ୍ଦ୍ରଶେଖର ବେହୁରା, ଶରତ କୁମାର ସାହୁ, ତୁଷାରକାନ୍ତ ଜେନା ଓ ସମ୍ପାଦକ ପ୍ରଶାନ୍ତ ସେନାପତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଭାଜପା ନେତା ଅମର ନାୟକ, କଂଗ୍ରେସ ନେତା ଅଜୟ ସାମଲ, ସାହିତ୍ୟିକ ଡ. ଭାଗ୍ୟଧର ସାହୁ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ବିଜେଡି ସଭାପତି ଅରବିନ୍ଦ ସାମଲ, ଜିଲା ପରିଷଦ ସଭ୍ୟ ଯତିନ୍ଦ୍ର ନାୟକ, ସରପଞ୍ଚ ଜଗନ୍ନାଥ ଖଣ୍ଡାଇ ପ୍ରମୁଖ ତାଙ୍କ ପ୍ରତି ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ବିୟୋଗରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତ, ଇତିଶ୍ରୀ ସାମଲ, କମ୍ୟୁନିଷ୍ଟ ନେତା ଈଶ୍ୱର ଚନ୍ଦ୍ର ପରିଡା, ସମିତି ସଭ୍ୟ ବିଚିତ୍ର କୁମାର ଜେନା ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

### ଖାଦ୍ୟ ପ୍ରଲୋଭନ ଦେଖାଇ ଶିଶୁଙ୍କୁ ଅପହରଣ

ଚମ୍ପୁଆ,୨୭।୭(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ପାଞ୍ଚପୋଖରିଆଠାରେ ବୁଧବାର ଏକ ୪ ବର୍ଷର ଶିଶୁକନ୍ୟାକୁ ଅଜଣା ବ୍ୟକ୍ତି ଅପହରଣ କରି ନେଇଛନ୍ତି। ଏ ନେଇ ଶିଶୁ କନ୍ୟାର ଜେଜେମା ଚମ୍ପୁଆ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପାଞ୍ଚପୋଖରିଆ ଗ୍ରାମ ନିକଟ ଶିରପୁରରେ ଉକ୍ତ ଯୁବକ କିଛି ଦିନ ହେବ ରହୁଥିଲେ। ସେ ଗ୍ରାମର ଲକ୍ଷ୍ମଣ ନାଏକଙ୍କ ସହ ସମ୍ପର୍କ ଯୋଡ଼ି ମିଳିତ ଭାବେ କାମ ଧନ୍ଦା କରୁଥିଲେ। ବୁଧବାର ଶିରପୁର ଛକଠାରେ ଥିବା ହାଣ୍ଡିଆ ଭାଟିରେ ଉଭୟ ହାଣ୍ଡିଆ ପିଇ ସାରିବା ପରେ ଲକ୍ଷ୍ମଣ ଚମ୍ପୁଆ ପଳାଇଥିଲେ। ଏହାର ସୁଯୋଗ ନେଇ ଉକ୍ତ ଯୁବକ ଲକ୍ଷ୍ମଣଙ୍କ ୪ ବର୍ଷର କନ୍ୟାକୁ ଖାଦ୍ୟ କିଣି ଦେବାକୁ କହି ସେଠାରୁ ନେଇ ପଳାଇଯାଇଥିଲେ। ଘର ଲୋକ ଅନେକ ସମୟ ଅପେକ୍ଷା କରିବା ପରେ ମଧ ଉକ୍ତ ବ୍ୟକ୍ତି ନ ଫେରିବାରୁ ସ୍ଥାନୀୟ ଲୋକଙ୍କ ସହ ମିଶି ପରିବାରର ସଦସ୍ୟ ଖୋଜାଖୋଜି କରି ଶିଶୁକନ୍ୟା ଓ ଉକ୍ତ ଯୁବକଙ୍କୁ ପାଇ ନ ଥିଲେ। ଫଳରେ ଘର ଲୋକ ଏ ନେଇ ଚମ୍ପୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୧୧୦/୨୩) ରୁଜୁ କରି ବିଭିନ୍ନ ସ୍ଥାନରେ ଛାପା ମାରିଥିବା ଜଣାଯାଇଛି। ଏପରିକି ସୋସିଆଲ ମିଡିଆରେ ଶିଶୁ କନ୍ୟା ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇ ବିଭିନ୍ନ ସ୍ଥାନରେ ଅନୁସନ୍ଧାନ ଜାରି ରହିଛି ବୋଲି ପୋଲିସ ସୂଚନା ଦେଇଛି।

# ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ


ଧର୍ମଶାଳା ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ ଚାଲିଛି।

କାଏମା,୨୭।୭(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ପୋଲିସ ପକ୍ଷରୁ ଲୋକଙ୍କୁ ସଚେତନ, ଲୁଟ ପାଟ ଓ ଅସାମାଜିକ କାର୍ଯ୍ୟ ରୋକିବା ପାଇଁ କାଏମା ବ୍ରିଜ୍ ନିକଟରେ ଗୁରୁବାର ବିଭିନ୍ନ ଗାଡ଼ି ଯାଞ୍ଚ କରାଯାଇଛି। ଥାନା ଅଧିକାରୀ ତପନ କୁମାର ନାୟକଙ୍କ ନେତୃତ୍ୱରେ ଏଏସ୍ଆଇ ବିଜୟ କୁମାର ବେହେରା ଓ ଅନ୍ୟ କନଷ୍ଟେବଳ ପ୍ରମୁଖ ଯାଞ୍ଚରେ ସାମିଲ ହୋଇଥିଲେ। ଅଗଷ୍ଟ ୯ରେ ଧର୍ମଶାଳା ବ୍ଲକ୍ ଅଧୀନ ୧୫ ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ପଦ ପାଇଁ ଉପନିର୍ବାଚନ ହେବାକୁ ଥିବାରୁ ପୋଲିସ ପକ୍ଷରୁ ଆଗାମୀ ଦିନରେ ଯାଞ୍ଚ ପ୍ରକ୍ରିୟା ଚାଲୁ ରହିବ ବୋଲି ଥାନା ଅଧିକାରୀ କହିଛନ୍ତି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଅନୁଗୋଳ, ୨୭।୭ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଣ୍ଟଁରପାଳ ଥାନା ଅଞ୍ଚଳରେ ବୁଧବାର ରାତିରେ ଏକ ଦୁର୍ଘଟଣାରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ସତ୍ୟବାନ ଦାସ(୨୭)ଙ୍କ ମୃତ୍ୟୁ ହୋଇଛି। ଏ ନେଇ ସତ୍ୟବାନଙ୍କ ମାମୁ ପ୍ରବୀଣ କୁମାର ଦାସ ବଣ୍ଟଁରପାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୨୭୮/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଅନୁଗୋଳ ଜିଲା ଉପକଣ୍ଠରେ ଥିବା ଏକ ଶିଳ୍ପ ସଂସ୍ଥାରୁ କାର୍ଯ୍ୟ ସାରି ସତ୍ୟବାନ ତାଙ୍କ ମୋଟର ସାଇକେଲ (ନଂ. ଓଡି୦୨ବିଏମ୍-୦୮୦୨)ରେ ଭଡ଼ା ଘରକୁ ଫେରୁଥିବା ବେଳେ ଏକ ଭାରିଯାନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ପଶ୍ଚିମେଶ୍ୱର ମହାଦେବ ମନ୍ଦିର ରୂପାନ୍ତକରଣରେ ଖର୍ଚ୍ଚ ହେବ ୩୫ ଲକ୍ଷ


ବିଧାୟକଙ୍କୁ ଭେଟି ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟମାନେ କୃତଜ୍ଞତା ଜଣାଉଛନ୍ତି।

ରାହାମା,୨୭।୭ (ଶ୍ରୀକାନ୍ତ ଦାସ )

କୁଜଙ୍ଗ ବ୍ଲକ ଅଧୀନ ବଣିତୋ ପଞ୍ଚାୟତ ବଣିତୋ ଗ୍ରାମରେ ପୂଜା ପାଉଛନ୍ତି ପଶ୍ଚିମେଶ୍ୱର ମହାଦେବ। ଯାହା ବହୁ ପୁରାତନ ଶୈବପୀଠ ହୋଇଥିବା ସ୍ଥଳେ ମନ୍ଦିରରେ ଥିବା ତାମ୍ରପତ୍ର ସୂଚନା ଅନୁଯାୟୀ ୧୧୪୪ ଖ୍ରୀଷ୍ଟାବ୍ଦରେ ତତ୍କାଳୀନ କୁଜଙ୍ଗର ଷଷ୍ଠ ରାଜା ଏହି ମନ୍ଦିର ନିର୍ମାଣ କରିଥିଲେ। ଜଗତ୍‌ସିଂହପୁର ଜିଲାର ଅନ୍ୟ ଶୈବପୀଠଗୁଡ଼ିକ ମଧ୍ୟରେ ଏହାର ଏକ ସ୍ୱତନ୍ତ୍ର ମାନ୍ୟତା ରହିଛି। ଏହି ମନ୍ଦିର ମଧ୍ୟରେ ମହାଦେବ ପଶ୍ଚିମେଶ୍ୱରଙ୍କ ସହିତ ଦାରୁବ୍ରହ୍ମ ଜଗନ୍ନାଥ ପୂଜା ପାଉଥିବାରୁ ଏହି ପୀଠ ହରିହର ପୀଠ ନାମରେ ପ୍ରସିଦ୍ଧି ଲାଭ କରିଛି। ତେଣୁ କରି ଏହି ସର୍ବପ୍ରାଚୀନ ଶୈବପୀଠର ପ୍ରଚାର ପ୍ରସାର ଦିଗରେ ମନ୍ଦିରର ଉନ୍ନତି କରଣ ସହ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ପାରାଦୀପ ବିଧାୟକ ସମ୍ବିତ ରାଉତରାଏ ନିଜର ଆଞ୍ଚଳିକ ବିଧାୟକ ଅନୁଦାନ ପାଣ୍ଠିରୁ ୧୫ ଲକ୍ଷ ଅନୁଦାନ ରାଶି ମଞ୍ଜୁର କରିଛନ୍ତି। ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ନିଜେ ସୁପାରିଶ କରି ଆହୁରି ୧୦ ଲକ୍ଷ ଅର୍ଥ ମଞ୍ଜୁର କରିଛନ୍ତି। ପ୍ରଭୁ ପଶ୍ଚିମେଶ୍ୱରଙ୍କ ଚନ୍ଦନ ଯାତ୍ରା ଚାପଖେଳ ନିମନ୍ତେ ଚନ୍ଦନ ପୁଷ୍କରଣୀ ପୁନରୁଦ୍ଧାରକୁ ଗୁରୁତ୍ୱ ଦେଇ ଆହୁରି ୧୦ ଲକ୍ଷ ଅନୁଦାନ ପ୍ରଦାନ କରିଛନ୍ତି। ଉକ୍ତ ମନ୍ଦିରର ପାରିପାର୍ଶିକ ଉନ୍ନତି ସହିତ ଭକ୍ତ ନିବାସ, ପ୍ରସାଦ ଖଳା, ଚନ୍ଦନ ପୁଷ୍କରଣୀ, ଶୌଚାଳୟ ଇତ୍ୟାଦି ନିର୍ମାଣ ପାଇଁ ବିଧାୟକ ନିଜର ଚେଷ୍ଟାରେ ସର୍ବମୋଟ ୩୫ ଲକ୍ଷ୍ୟ ଅର୍ଥ ପ୍ରଦାନ କରିଥିବାରୁ ବିଧାୟକଙ୍କୁ ବଣିତୋ ଗ୍ରାମବାସୀ, ଆଖପାଖ ୧୦ଟି ପଞ୍ଚାୟତର ଜନସାଧାରଣ ତଥା ଅଞ୍ଚଳବାସୀ, ମହାପ୍ରଭୁଙ୍କ ସମସ୍ତ ସେବକ ପଣ୍ଡା ପଡ଼ିଆରି, ମନ୍ଦିର ସମିତିର ସମସ୍ତ ଟ୍ରଷ୍ଟି ସଦସ୍ୟ ବୃନ୍ଦ, ସ୍ଥାନୀୟ ବୁଦ୍ଧିଜୀବୀମାନେ ବିଧାୟକଙ୍କ ପୂର୍ଣ୍ଣ ସହଯୋଗକୁ ପ୍ରଶଂସା କରିବା ସହିତ ସାଧୁବାଦ ଜଣାଇଛନ୍ତି। ଏହି ଅବସରରେ ଶ୍ରୀପଶ୍ଚିମେଶ୍ୱର ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡ ସଦସ୍ୟମାନେ ବିଧାୟକଙ୍କୁ ସାକ୍ଷାତ କରିଛନ୍ତି। ପରିଚାଳନା କମିଟି ଟ୍ରଷ୍ଟ ବୋର୍ଡର ସଭାପତି ଅଜୟ କୁମାର ସାହୁ, ଟ୍ରଷ୍ଟି ସାମାଜିକ କର୍ମୀ ଡ. ସୁନାକର ବେହେରା, ଭିକାରୀ ଚରଣ ସେନାପତି, ବ୍ରଜକିଶୋର ମହାରାଜ, ସରୋଜ କୁମାର ପାଣିଗ୍ରାହୀ, ଗଣେଶ୍ୱର ସ୍ୱାଇଁ, ରବୀନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ସାମାନ୍ୟ ଗଣ୍ଡଗୋଳରୁ ପିଟି ହତ୍ୟା

ବାହାନଗା, ୨୭।୭(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ କସପାଜୟପୁର ପଞ୍ଚାୟତ ଜିରିତାଳ ଗ୍ରାମର ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳରୁ ହତ୍ୟାକାଣ୍ଡ ଘଟିଛି। ଜଣଙ୍କ ଘର ଅଗଣାକୁ ଅନ୍ୟଜଣଙ୍କ ଖତଗଦାର ପାଣି ପଶିବାରୁ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଏନେଇ ଖନ୍ତାପଡା ଥାନାରେ ମୃତ୍ୟୁର ଶିକାର ହୋଇଥିବା ବ୍ୟକ୍ତିଙ୍କ ପୁଅ ଅଭିଯୋଗ କରିବା ପରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ତେବେ ଜଣେ ମହିଳା ଗିରଫ ହୋଇଥିବା ବେଳେ ତାଙ୍କ ସ୍ୱାମୀ ଫେରାର ଅଛନ୍ତି।

ଜିରିତାଳ ଗ୍ରାମର ଯୋଗେନ୍ଦ୍ର ସଙ୍କ ଘର ଦକ୍ଷିଣପଟେ ଚୈତନ୍ୟ ରାଉତଙ୍କ ଘର ରହିଛି। ତେବେ ଚୈତନ୍ୟ ନିଜ ଘର ସମ୍ମୁଖରେ ଗୋବର ଖତଗଦା କରିଛନ୍ତି। ଏହି ଖତଗଦାରେ ବର୍ଷାଦିନେ ପାଣି ଭର୍ତ୍ତି ହୋଇ ଯୋଗେନ୍ଦ୍ରଙ୍କ ଅଗଣାକୁ ବହିଯାଇଥାଏ। ଏହାକୁ ନେଇ ପୂର୍ବରୁ ଗଣ୍ଡଗୋଳ ଲାଗିରହିଥିଲା। ଗୁରୁବାର ବର୍ଷା ହେବାରୁ ଚୈତନ୍ୟଙ୍କ ଘରର ଛାତ ପାଣି ଖତ ଗଦାରେ ପଡି ଯୋଗେନ୍ଦ୍ରଙ୍କ ଘର ଅଗଣାକୁ ବହି ଯାଇଥିଲା। ଏଥିରେ ଯୋଗେନ୍ଦ୍ରଙ୍କ ସ୍ତ୍ରୀ ମଞ୍ଜୁଲତା ଓ ଝିଅ ମମତା ପାଣି ପଶିବାକୁ ପ୍ରତିବାଦ କରିବାରୁ ଚୈତନ୍ୟ ଓ ତାଙ୍କ ସ୍ତ୍ରୀ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଚୈତନ୍ୟ ମଞ୍ଜୁଲତାଙ୍କୁ ତଳେ ପକାଇ ମାଡ ମାରୁଥିଲେ। ଏହି ସମୟରେ ବିଲରୁ କାମ ସାରି ଘରକୁ ମଞ୍ଜୁଲତାଙ୍କ ସ୍ୱାମୀ ଯୋଗେନ୍ଦ୍ର ଫେରୁଥିବା ବେଳେ ସ୍ତ୍ରୀଙ୍କ ଚିତ୍କାର ଶୁଣି ପ୍ରତିବାଦ କରିଥିଲେ। ତାଙ୍କୁ ଚୈତନ୍ୟ ମାଡ଼ ମାରିବା ସହିତ ଉଠାଇ ତଳେ କଚାଡି ଦେବାରୁ ଯୋଗେନ୍ଦ୍ର ତଳେ ସଂଜ୍ଞାହୀନ ଅବସ୍ଥାରେ ପଡିଯାଇଥିଲେ। ଚୈତନ୍ୟଙ୍କ ସ୍ତ୍ରୀ ଆସି ଯୋଗେନ୍ଦ୍ରଙ୍କ ହାତ ଧରି ଟାଣୁଥିବା ବେଳେ ଚୈତନ୍ୟ ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ମାଡ ମାରିଥିଲେ । ଯୋଗେନ୍ଦ୍ର ତଳେ ପଡିଯାଇଥିଲେ। ଗ୍ରାମବାସୀ ତୁରନ୍ତ ସେଠାରେ ପହଞ୍ଚି ଯୋଗେନ୍ଦ୍ରଙ୍କୁ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଯୋଗେନ୍ଦ୍ରଙ୍କ ପୁଅ ବ୍ରଜେନ୍ଦ୍ର ଖନ୍ତାପଡା ଥାନାରେ ଚୈତନ୍ୟ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରିବା ସହିତ ଚୈତନ୍ୟଙ୍କ ସ୍ତ୍ରୀ ସୁକାନ୍ତି ରାଉତଙ୍କୁ ଗିରଫ କରିଥିବା ବେଳେ ଚୈତନ୍ୟ ଫେରାର ହୋଇଯାଇଛି ।

## ଚିଟ୍‌ଫଣ୍ଡ ଠକେଇ ରିଅଲଭିଜନର ବ୍ରାଞ୍ଚ ମ୍ୟାନେଜରଙ୍କୁ ୩ବର୍ଷ ଜେଲ

ବାଲେଶ୍ୱର, ୨୭।୭(ମାନସ ବିଶ୍ୱାଳ)

ଚିଟ୍‌ଫଣ୍ଡ ଠକେଇ ମାମଲାର ବିଚାର କରି ବାଲେଶ୍ୱର ସ୍ୱତନ୍ତ୍ର ଓପିଆଇଡି (ଓଡ଼ିଶା ପ୍ରୋଟେକ୍ସନ୍ ଇଣ୍ଟରେଷ୍ଟ ଅଫ୍ ଡିପୋଜିଟର) କୋର୍ଟ ରିଅଲଭିଜନ ଇଣ୍ଟରନ୍ୟାଶନାଲ ଲିମିଟେଡ୍ ଚିଟ୍‌ଫଣ୍ଡ ସଂସ୍ଥାର ବ୍ରାଞ୍ଚ ମ୍ୟାନେଜର ରୋହିତ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ୩ବର୍ଷ ଜେଲଦଣ୍ଡ ସହ ୬୨ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୨ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ୧୩ଜଣ ସାକ୍ଷ୍ୟ, ୨୬ ଦଲିଲ୍ ଓ ଦସ୍ତାବିଜକୁ ଭିତ୍ତି କରି କୋର୍ଟ ଏହି ଦଣ୍ଡ ଶୁଣାଇଛନ୍ତି। ଏହି ଠକ ସଂସ୍ଥା ବାରିପଦା ଷ୍ଟେଶନ ବଜାରରେ କାର୍ଯ୍ୟାଳୟ ଖୋଲି ଜମାକାରୀଙ୍କୁ ଅଧିକ ସୁଧ ଦେବା ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଠକି ନେଇଥିଲା। ସ୍ୱତନ୍ତ୍ର ଓପିଆଇଡି କୋର୍ଟ ଜଜ୍ ବିଶ୍ୱଜିତ ଦାସ ସିଟି ମାମଲା ବିଚାର କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

# ସାପ କାମୁଡ଼ାରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

ସୋର, ୨୭।୭ (ଜନ୍ମେଜୟ ମିଶ୍ର)

ସୋର ପୌରପାଳିକା ଅଧୀନ କୁଦଣ୍ଡପୁର ଗ୍ରାମର ପରିବା ବ୍ୟବସାୟୀ ଯଦୁନାଥ ମୁଦୁଲି (୪୨)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଗୁରବାର ଅଡ଼ଙ୍ଗବଜାରରେ ଥିବା ଯଦୁନାଥ ତାଙ୍କ ପରିବା ଗୋଦାମ ସଫା କରୁଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ିଥିଲା। ଫଳରେ ସେ ନିଜେ ସାଇକେଲରେ ଆସି ସୋର ମେଡ଼ିକାଲରେ ଭର୍ତ୍ତିହୋଇଥିଲେ। ସେଠାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ବେଳେ ଖନ୍ତାପଡ଼ା ନିକଟରେ ଅବସ୍ଥା ଅତି ଗୁରୁତର ହେବାରୁ ତାଙ୍କୁ ଖନ୍ତାପଡ଼ା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବିରଳ ପ୍ରଜାତିର ରଣା ସାପ ଉଦ୍ଧାର

ବାଲିଚନ୍ଦ୍ରପୁର,୨୭।୭(ଗିରିଜା ପ୍ରସାଦ ସାହୁ)

ବଡ଼ଚଣା ବ୍ଲକ୍ ବାଲିଚନ୍ଦ୍ରପୁର ଥାନା ଅଧୀନ ଶୁଖୁଆପଡ଼ା ଗ୍ରାମର ବାବୁଲି ମହାରଣାଙ୍କ କୁଅରୁ ଏକ ବିରଳ ପ୍ରଜାତିର ଶଙ୍ଖାମୋଟିଆ ରଣା ସାପକୁ ଗୁରୁବାର ମଧ୍ୟାହ୍ନରେ ଉଦ୍ଧାର କରାଯାଇଛି। ବାଲିଚନ୍ଦ୍ରପୁର ପଞ୍ଚାୟତ ନାନପୁର ଗ୍ରାମର ମାନସ ସାହୁ କିଛି ବର୍ଷ ହେବ ଗ୍ରାମାଞ୍ଚଳରେ ବିଭିନ୍ନସ୍ଥାନରୁ ପ୍ରାୟ ୧୨ ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ବିଷଧର ସାପଙ୍କୁ ଉଦ୍ଧାର କରି ସ୍ଥାନୀୟ ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି। ସେ ଏକଥା ଜାଣିବା ପରେ ଶୁଖୁଆପଡ଼ା ଗ୍ରାମରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ମାନସଙ୍କ କହିବା କଥା, ଏହି ରଙ୍ଗର ସାପ କେବେ ଧରିନାହିଁ। ଏହି ସାପ ଅତ୍ୟନ୍ତ ବିଷଧର ଓ ଏହାର ଫଣା ନ ଥାଏ। ସାଧାରଣତଃ ଏମାନେ କାହାର କ୍ଷତି କରିନଥାନ୍ତି। ଦିନରେ ଏହି ସାପ ଧିମା ଗତି କରିଥାନ୍ତି ଓ ରାତିରେ ଦ୍ରୁତଗତିରେ ଯାଇଥାନ୍ତି। ସାପଟି ୧୨/୧୩ ବର୍ଷର ହୋଇଥିବା ଅନୁମାନ କରାଯାଇଥିବା ବେଳେ ଏହାର ଲମ୍ବ ୭ ଫୁଟ୍‌ରୁ ଅଧିକ ହେବ ବୋଲି ସେ କହିଛନ୍ତି। ଏହାକୁ ସୁରକ୍ଷିତ ଅବସ୍ଥାରେ ଅସିହାଗଡ଼ ପର୍ବତମାଳା ଜଙ୍ଗଲରେ ଛାଡ଼ା ଯିବ ବୋଲି ମାନସ ପ୍ରକାଶ କରିଛନ୍ତି।



# କେନାଲ ସଫାକରି ରାସ୍ତାରେ ଆବର୍ଜନା ପକାଇଲେ

ରଘୁନାଥପୁର,୨୭।୭ (ରାଜେନ୍ଦ୍ର ନାରାୟଣ ସିଂହ)

କେନାଲରେ ଚାଷଜମିକୁ ପାଣି ଯିବା ନିମନ୍ତେ ରଘୁନାଥପୁର ବ୍ଲକ ତରିକୁନ୍ଦ ନୂଆଦାଠାରୁ ଖଣ୍ଡତରି ପର୍ଯ୍ୟନ୍ତ ଯାଇଥିବା ୨୨ କିମି କେନାଲର କୋଡ଼ି ସଫେଇ କରାଯାଉଛି। ଏହାର ଦାୟିତ୍ୱ ପାଣି ପଞ୍ଚାୟତ ହସ୍ତରେ ନ୍ୟସ୍ତ କରାଯାଇଛି। ଦୂରଦୃଷ୍ଟିର ଅଭାବ ଯୋଗୁ ବିଭିନ୍ନ ସ୍ଥାନରେ କେନାଲକୁ ଜେସିବି ଦ୍ୱାରା ସଫେଇ କରାଯାଇ ଏଥିରୁ ବାହାରୁଥିବା ଅଳିଆ ଆବର୍ଜନାକୁ ଠିକାଦାର ରାସ୍ତା ପାର୍ଶ୍ୱରେ ଗଦା କରି ଦେଉଛନ୍ତି। ବର୍ଷାରେ ଉକ୍ତ ଆବର୍ଜନା ରାସ୍ତା ମଧ୍ୟକୁ ଖସି ଆସି ଦୁର୍ଗନ୍ଧ ହେବା ସହ ପରିବେଶକୁ ପ୍ରଦୂଷିତ କରୁଛି। ଏହାଛଡା ପଥଚାରୀଙ୍କ ଯାତାୟାତରେ ମଧ୍ୟ ସମସ୍ୟା ସୃଷ୍ଟି କରୁଛି। ବର୍ଷାଦିନେ ଉକ୍ତ ଆବର୍ଜନାରୁ ସ୍ଥାନୀୟ ଅଞ୍ଚଳରେ ଡେଙ୍ଗୁ ତଥା ଜଳବାହିତ ରୋଗ ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ଜଳସମ୍ପଦ ବିଭାଗ ବାଲିଆ ସବ୍‌ଡିଭିଜନ ତଥା ରେଢୁଆ ସେକ୍ସନ ଯନ୍ତ୍ରୀଙ୍କ ଅଧୀନ ତଅଁରା ପଞ୍ଚାୟତ ଦେଇ ଯାଇଥିବା ଜଳସେଚିତ କେନାଲକୁ ଲାଗି ରହିଥିବା ରାସ୍ତାରେ। ପଞ୍ଚାୟତରେ ପରିବେଶ ସୁରକ୍ଷା ଓ ଚାରାରୋପଣକୁ ପ୍ରାଧାନ୍ୟ ଦେଉଥିବା ତଅଁରା ସରପଞ୍ଚ ବଟକୃଷ୍ଣ ନାୟକଙ୍କ ଘର ସମ୍ମୁଖରେ ମଧ୍ୟ କୁଢ଼କୁଢ଼ ଆବର୍ଜନା ଗଦା ହୋଇଥିବା ଦେଖାଯାଇଛି। ଠିକାଦାର ଏଗୁଡ଼ିକ ସ୍ଥାନାନ୍ତର କରି ଦେବା ପାଇଁ କହିଥିବା ସରପଞ୍ଚ ନାୟକ କହିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଜାଗେନ୍ଦ୍ରୀ ବାରିକଙ୍କୁ ପଚାରିବାରେ ସମସ୍ୟା ସଂକ୍ରାନ୍ତରେ ସେ ଅବଗତ ଅଛନ୍ତି। କୋଡ଼ି ସଫେଇ କାର୍ଯ୍ୟ ପାଣି ପାଞ୍ଚାୟତ ହାତରେ ଥିବାରୁ ରାସ୍ତା ପାର୍ଶ୍ୱରେ ଗଦେଇ ଥିବା ସମସ୍ତ ଆବର୍ଜନା ସେମାନଙ୍କୁ ଉଠାଇ ନେବାକୁ କୁହାଯାଇଛି ବୋଲି ସେ କହିଛନ୍ତି। ଏଥିପ୍ରତି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଓ ଜିଲାପାଳ ଦୃଷ୍ଟି ଦେବାକୁ ପ୍ରତାପ ନାୟକ, କାଳନ୍ଦୀ ବାରିକ, ଆକାଶ କୁମାର ନାୟକ, ସୌଭାଗ୍ୟ ନାୟକଙ୍କ ସହ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।


ଜେସିବି ମେଶିନ ଲଗାଇ କେନାଲ ସଫା କରି ରାସ୍ତା ଉପରେ ଆବର୍ଜନା ପକାଯାଇଛି।

### ଦୁର୍ଗନ୍ଧରେ ପରିବେଶ ପ୍ରଦୂଷିତ, ପଥଚାରୀ ହନ୍ତସନ୍ତ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୮ ଜୁଲାଇ, ୨୦୨୩



## ଜେଲ ଗଲେ ମଦ ବ୍ୟବସାୟୀ

ନୟାଗଡ଼, (ଲୋକନାଥ ମିଶ୍ର): ଇଟାମାଟି ଥାନା ପୋଲିସ ଇଟାମାଟି ଦେଉଳସାହିରୁ ଗୁରୁବାର ସକାଳେ ୮ ଲିଟର ୨୮୦ ଗ୍ରାମ ଦେଶୀ ମଦ ଜବତ କରିଛି । ଏହି ଘଟଣାରେ ଦେଉଳସାହିର ଜଗବନ୍ଧୁ ସାହୁ(୪୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଜଗବନ୍ଧୁଙ୍କୁ ନୟାଗଡ଼ ସବଜେଲକୁ ପଠାଇ ଦିଆଯାଇଛି । ଏନେଇ ୧୬୪/୨୩ରେ ମାମଲା ରୁଜୁ କରି ପୋଲିସ ଉକ୍ତ ଘଟଣାର ତଦନ୍ତ କରୁଛି ।

## ସଂକ୍ଷେପରେ

### ଶିଶୁଘରୁ ଉଠାଇ ନେଲା ଚାଇଲ୍ଡଲାଇନ

**ଦେଢ଼ମାସ ତଳେ ହୋଇଥିଲା ନାବାଳିକା ବିବାହ**

ନୟାଗଡ଼,୨୭।୭(ଲୋକନାଥ ମିଶ୍ର): ନୟାଗଡ଼ ସଦର ଥାନା ନୂଆଗାଁ ବ୍ଲକ ମାଳିସାହି ଗାଁର ଶିଶୁ ଘରୁ ଚାଇଲ୍ଡଲାଇନ ସ୍ଥାନୀୟ ପୋଲିସ ସହାୟତାରେ ଜଣେ ନାବାଳିକା ଝିଅକୁ ଉଠାଇ ଆଣିଛି । ଫଟେଗଡ଼ ଅଞ୍ଚଳର ୧୭ ବର୍ଷ ବୟସର ନାବାଳିକା ମାଳିସାହିର ଜଣେ ୩୦ବର୍ଷ ବୟସ୍କ ଯୁବକଙ୍କୁ ଦେଢ଼ ମାସ ତଳେ ବିବାହ କରିଥିଲେ । ସମ୍ପୃକ୍ତ ନାବାଳିକା ବାଲୁଗାଁରେ ବିବାହ କରିବା ପାଇଁ ସ୍ଥିର ହୋଇଥିଲା । କୌଣସି କାରଣରୁ ବାଲୁଗାଁ ବିବାହ ଭାଙ୍ଗି ଯାଇ ମାଳିସାହିରେ ହୋଇଥିଲା । ଏହା ପରେ ବାରମ୍ବାର ନାବାଳିକା ବିବାହ ନେଇ ଅଭିଯୋଗ ହୋଇଥିଲା ।

### ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କ ପାଇଁ 'ମୁଁ ପାରିବି' କାର୍ଯ୍ୟକ୍ରମ

ନୟାଗଡ଼,୨୭।୭(ଲୋକନାଥ ମିଶ୍ର): ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କ ଦକ୍ଷତା ବିକାଶ ପାଇଁ ମୁଁ ପାରିବି କାର୍ଯ୍ୟକ୍ରମ ସରକାରୀସ୍ତରରେ ଚାଲୁ ରହିଛି । ଏନେଇ ନୟାଗଡ଼ ଜିଲା ପ୍ରଶାସନ, ଆକ୍ସନଏଡ୍, ୟୁନିସେଫ୍‌ର ମିଳିତ ପ୍ରୟାସରେ ଆଭାସୀ ମାଧ୍ୟମରେ ଏକ ସଭା ଅନୁଷ୍ଠିତ ହୋଇ ଯାଇଛି । ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲା ନିଯୁକ୍ତି ଅଧିକାରୀ, ଓରମାସର ଅଧିକାରୀ, ସରକାରୀ ଶିକ୍ଷା ଶିଳ୍ପ ଅନୁଷ୍ଠାନର ଅଧକ୍ଷ, ବାଲ୍ୟ ବିବାହ ନିଷେଧ ଅଧିକାରିଣୀ, ସମନ୍ୱିତ ଶିଶୁ ବିକାଶର କର୍ମଚାରୀ, ଅଙ୍ଗନୱାଡି କର୍ମୀ, କ୍ଷେତ୍ର ପାରିଦର୍ଶିକା ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଳିକାମାନେ ଯୋଗ ଦେଇ ନିଜର ଅଭିଜ୍ଞତାକୁ ଜଣାଇଥିଲେ । ଏହି କାର୍ଯ୍ୟକ୍ରମ ମାଧମରେ ଜିଲାରେ ୨୫୦୦ରୁ ଉର୍ଦ୍ଧ୍ୱ ଯୋଡି ହୋଇ ପାରିଛନ୍ତି । ଏହି କାର୍ଯ୍ୟକ୍ରମ ଶିଶୁ ମାନଙ୍କର ସୁରକ୍ଷା ଦକ୍ଷତାବିକାଶରେ ସହଯୋଗ କରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଓଡ଼ଗାଁ,୨୭।୭(ଆଦର୍ଶ କୁମାର ପଟ୍ଟନାୟକ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ବେଙ୍ଗେଇସାହି ଦୋଳମଣ୍ଡପଛକର ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଦାସଙ୍କ



ଗୁରୁବାର ଅପରାହ୍ନରେ ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ ରୋଗରେ ସେ ପୀଡ଼ିତ ଥିଲେ। ସେଥିପାଇଁ ତାଙ୍କୁ କିଛିଦିନ ତଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମୃତ୍ୟୁ ବେଳକୁ ତାଙ୍କୁ ୮୦ବର୍ଷ ବୟସ ହୋଇଥିଲା। ଏହି ଖବର ଜଣାପଡିବା ପରେ କୁରାଳ ଅଞ୍ଚଳରେ ଶୋକଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ଅବସରପ୍ରାପ୍ତ କର୍ମଚାରୀ ସଂଘ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୌରଚନ୍ଦ୍ର ସାହୁ,ସାମାଜିକ କର୍ମୀ ଗଣେଶ୍ୱର ସାହୁ ଶୋକବ୍ୟକ୍ତ କରିବା ସହିତ ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରଠାରେ ସମ୍ପନ୍ନ ହୋଇଛି । ବଡ଼ପୁଅ ବିପ୍ରଚରଣ ଦାସ ମୁଖାଗ୍ନି ଦେଇଛନ୍ତି ।

### ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି

ନୟାଗଡ଼,୨୭।୭(ଲୋକନାଥ ମିଶ୍ର): ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧକ୍ଷତାରେ ସ୍ୱାଧୀନତା ଦିବସ ପାଳନ ଉଦ୍ଦେଶ୍ୟରେ ପ୍ରସ୍ତୁତି ଦିବସ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି । ବ୍ଲକସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ନେଇ ଜିଲାସ୍ତରୀୟ ପ୍ରତିଯୋଗିତା ହେବ । ବିଭିନ୍ନ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅକ୍ତିଆର କରିଥିବା ପ୍ରତିଯୋଗୀ ପୁରସ୍କୃତ ହେବେ । ଗତ ବର୍ଷ ପରି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ । ଖବରଦାତା ଓ ଜିଲା ପ୍ରଶାସନ ମଧରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ କରାଯିବ । ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଅତିରିକ୍ତ ଏସ୍‌ପି ସୁବାସ୍ ଚନ୍ଦ୍ର ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଦ୍ଧିକାରୀ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।

# ୪ଲକ୍ଷ ୪୮ହଜାର ୪୪ ଶ୍ରମ ଦିବସ ସୃଷ୍ଟି



ଜନଶୁଣାଣି ଶିବିରରେ ମଞ୍ଚାସୀନ ଅତିଥି ।

**ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର**

ନୂଆଗାଁ,୨୭।୭(ଧନେଶ୍ୱର ସାହୁ)

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ସଭାଗୃହରେ ଗୁରୁବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଓ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନ ଯୋଜନା ସମ୍ପର୍କିତ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏମ୍‌ଜିଏନ୍‌ଆରଇଜିଏସ୍ ଓ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନ ଯୋଜନାରେ ୨୦୨୦-୨୧ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ହୋଇଥିବା କାର୍ଯ୍ୟର ପଞ୍ଚାୟତସ୍ତରରେ ସାମାଜିକ ସମୀକ୍ଷା କରାଯାଇଥିଲା । ସେହି ତଥ୍ୟକୁ ନେଇ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ନୟାଗଡ଼ ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ହୋତା, ରାଜ୍ୟ ସାମାଜିକ ସମୀକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ଦାଶ, ଜିଲ୍ଲା ସାମାଜିକ ସମୀକ୍ଷକ ବିଜୟ କୁମାର ବଳିୟାରସିଂ, ଲୋକପାଳ ଗିରିଶ ଚନ୍ଦ୍ର ଦାଶ, ବିଡିଓ ସଚ୍ଚିଦାନନ୍ଦ ମିଶ୍ର, ବ୍ଲକ ଅତିରିକ୍ତ ବିଡିଓ ସ୍ୱଦେଶ ରଞ୍ଜନ ଶତପଥୀ, ବ୍ଲକ ସାମାଜିକ ସମୀକ୍ଷକ ସ୍ୱର୍ଣ୍ଣଲତା ଦଳବେହେରାଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ । ନୂଆଗାଁ ବ୍ଲକ ଏପିଓ ଅମରେନ୍ଦ୍ର ସାହୁ ଏମ୍‌ଜିଏନ୍‌ଆରଇଜିଏସ୍ ସମ୍ପର୍କିତ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିବା ବେଳେ ଜିଲା ସାମାଜିକ ସମୀକ୍ଷକ ବଳିୟାରସିଂ ପଞ୍ଚାୟତସ୍ତରୀୟ ସମୀକ୍ଷାର ସାରାଂଶଗୁଡ଼ିକୁ ଆଲୋଚନା କରିଥିଲେ ।

ମଞ୍ଚାସୀନ ଅତିଥିମାନେ ମଞ୍ଚରେ ବସି ଦେଉଥିବା ଭାଷଣ କାର୍ଯ୍ୟକାରୀ ହେଉ ନ ଥିବାରୁ ଏହା ଏକ ପ୍ରହସନ ଏବଂ ପ୍ରଶାସନ ସ୍ଥାଣୁ, ଅଥର୍ବ ପାଲଟି ଯାଇଛି । ତେଣୁ ପ୍ରଶାସନ ଉପରେ ଜନପ୍ରତିନିଧିମାନଙ୍କ ଭରସା ତୁଟି ଯାଇଥିବାରୁ ଜନପ୍ରତିନିଧିମାନେ ଆସୁ ନ ଥିବା ଢେଙ୍କେଣା ସରପଞ୍ଚ ଯୁଗଳ କିଶୋର ସାହୁ କହିଥିଲେ । ୨୦୨୨-୨୩ ଆର୍ଥିକ ବର୍ଷରେ ୧୧୦୩୬ ପରିବାରକୁ କାମ ଓ ୪୬୨ ପରିବାରକୁ ଶହେ ଦିନର କାମ ଯୋଗାଇ ଦିଆଯାଇଥିଲା । ମୋଟ ୪୪୮୦୪୪ ଶ୍ରମ ଦିବସ ସୃଷ୍ଟି କରାଯାଇ ୧୦ କୋଟି ୪୦ ଲକ୍ଷ ୨୭ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି । ସାମାଜିକ ସମୀକ୍ଷା ଜରିଆରେ ମହିପୁର ବନ ବିଭାଗ ଉପରେ ୨୦୧୮-୧୯ରୁ ୪ ହଜାର ଟଙ୍କା ଫାଇନ ରହିଥିଲେ ମଧ୍ୟ ଅଦ୍ୟାବଧି ତାହା ପୈଠ କରାଯାଇ ନାହିଁ । ଫାଇନ୍ ଶୀଘ୍ର ପୈଠ କରା ନ ଗଲେ ମକଦ୍ଦମା ଦାଏର କରାଯିବ ବୋଲି ଏପିଡି ହୋତା କହିଥିଲେ । ବ୍ଲକର ୨୨ ପଞ୍ଚାୟତର ୬୨୦ଟି ପ୍ରକଳ୍ପ ସମୀକ୍ଷା କରିବାରେ ୧୫୫ କେସ୍ ମିଳିଛି। ୭ ଦିନ ମଧ୍ୟରେ ଅଧିକାରୀଙ୍କ ନିକଟରେ ତଥ୍ୟ ଦାଖଲ କରି ସମାଧାନ କରିବା ପାଇଁ ଜିଲା ସାମାଜିକ ସମୀକ୍ଷକ ବଳିୟାରସିଂ କହିଥିଲେ।

# ପଞ୍ଚାୟତ ପରେ ହରିଡ଼ାବନ୍ଧ ଗାଁରେ ଚୋରି

**ତାଲା ଭାଙ୍ଗିଲେ, ତାଲା ପକାଇ ଚୋରି କଲେ**

ନୟାଗଡ଼,୨୭।୭(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଗୋଡିପଡ଼ା ଫାଣ୍ଡି ହରିଡାବନ୍ଧ ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି ହେବାର ୭ଦିନ ପରେ ହରିଡାବନ୍ଧ ଗାଁରେ ଚୋରି ହୋଇଛି । ଚୋରମାନେ କବାଟର ତାଲା ଭାଙ୍ଗି ଘରେ ପଶି ଶୋଇଥିବା ଲୋକଙ୍କ କବାଟରେ ତାଲା ପକାଇ ବୁଧବାର ରାତିରେ ଚୋରି କରିଛନ୍ତି । ଗାଁର ମାନସ ସାହୁଙ୍କ ଘରୁ ନଗଦ ୬୦ ହଜାର ଟଙ୍କା ନେଇ ଯାଇଥିବାବେଳେ ପ୍ୟାଣ୍ଟସାର୍ଟ ଚୋରି ହୋଇଛି। ସେହିଭଳି ସୁରେନ୍ଦ୍ର କୁମାର ନାୟକଙ୍କ ଘରୁ ରୁପା ପାଉଁଜି, ସୁନାର କାନଫୁଲ ଚୋରି ହୋଇଥିବାବେଳେ ପ୍ୟାଣ୍ଟସାର୍ଟ ଚୋରି ହୋଇଛି । ପୁଣି ଭିକାରୀ ନାୟକଙ୍କ ମା'ଘରେ ନ ଥିବାବେଳେ ଘରୁ ୧ ହଜାର ଚୋରି ହୋଇଛି । ପ୍ରଭାକର ସାହୁ, ଭିକାରୀ ସାହୁ, ପ୍ରଫୁଲ ସାହୁଙ୍କ ଘରୁ ଚୋରି ଉଦ୍ୟମ କରାଯାଇଛି । ହେଲେ ଚୋରି ହୋଇ ପାରିନି । ଗତ ୧୯ ତାରିଖ ରାତିରେ ହରିଡାବନ୍ଧ ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି ହୋଇଥିଲା। ଚୋରମାନେ ପଞ୍ଚାୟତର କାଗଜପତ୍ର ଫୋପଡା ଫିଙ୍ଗା କରିଥିଲେ । ଚୋରି ଘଟଣାକୁ ୭ଦିନ ବିତିବାକୁ ବସିଥିବାବେଳେ ପୋଲିସ ଅଭିଯୁକ୍ତମାନଙ୍କୁ ଧରିପାରିନାହିଁ।

# ଜରାଜୀର୍ଣ୍ଣ ରଣପୁର ନୃସିଂହନାଥ ମନ୍ଦିର

- ପୁରୀ ଢାଞ୍ଚାରେ ନିର୍ମାଣ ହୋଇଥିଲା ଏହି ମନ୍ଦିର
- ରକ୍ଷଣାବେକ୍ଷଣ ଅଭାବରୁ ମାଟିରେ ମିଶିବ

ନୟାଗଡ଼,୨୭।୬(ଲୋକନାଥ ମିଶ୍ର)



ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ରଣପୁର ଗଡ଼ର ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟରେ ରହିଛି ନୃସିଂହନାଥଙ୍କ ମନ୍ଦିର। ଯାହାକି ପୁରୀ ଢ଼ାଞ୍ଚାରେ ତିଆରି ହୋଇଛି। ତେବେ ରକ୍ଷଣାବେକ୍ଷଣ ଅଭାବରୁ ମନ୍ଦିରଟି ନଷ୍ଟ ହୋଇ ଚାଲିଛି । ନୃସିଂହନାଥଙ୍କ ମନ୍ଦିର ସହ ଶ୍ରୀଜଗନ୍ନାଥ ମନ୍ଦିରର ସମ୍ପର୍କ ରହିଛି । ଏଭଳିଆ ମନ୍ଦିର ଅନ୍ୟ କେଉଁଠାରେ ଦେଖିବାକୁ ମିଳେନା । ହେଲେ ଏହାକୁ ମରାମତି କରା ନ ଗଲେ ରାଜ ରାଜୁଡା ଅମଳର ଏହି ମନ୍ଦିର ମାଟିରେ ମିଶିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ତୁରନ୍ତ ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

# ଭାଜପାର ଲୋକ ସମ୍ପର୍କ ଅଭିଯାନ



ଲୋକ ସମ୍ପର୍କ ଅଭିଯାନରେ ସାମିଲ ହୋଇଥିବା ଭାଜପା କର୍ମୀ

ଖଣ୍ଡପଡ଼ା,୨୭।୭
(ଅଜୟ କୁମାର ମହାରଣା)

ଭାଜପା ପକ୍ଷରୁ ଏକ ଲୋକ ସମ୍ପର୍କ ଅଭିଯାନ ଖଣ୍ଡପଡ଼ା ସହରର ୧୧ ଓ ୧୨ ନଂ. ୱାର୍ଡରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟଠାରୁ ଦଳର କର୍ମକର୍ତ୍ତାମାନେ ପଦଯାତ୍ରାରେ ବାହାରି ପ୍ରଥମେ ୧୧ ନଂ. ୱାର୍ଡ ଗଡଭିତର ସାହି ଓ ପରେ ୧୨ ନଂ. ୱାର୍ଡର ଘରକୁ ଘର ବୁଲି ଜନସାଧାରଣଙ୍କୁ ଭେଟିଥିଲେ । ନୟାଗଡ଼ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଇଂ.ଅର୍ଚ୍ଚନା ଦାଶଙ୍କ ନେତୃତ୍ୱରେ ଆୟୋଜିତ ଏହି ଲୋକସମ୍ପର୍କ ଅଭିଯାନରେ ଦଳର କର୍ମକର୍ତ୍ତା, ସଙ୍ଗଠକମାନେ ସାମିଲ ହୋଇଥିଲେ । ଇଂ.ଦାଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୯ ବର୍ଷର ଶାସନ କାଳରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିବା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ମଣ୍ଡଳ ସଭାପତି ସଞ୍ଜୟ ପ୍ରଧାନ, ଅଜିତ ଦାଶ, ଯୁବ ସଙ୍ଗଠକ ଇଂ.ଶ୍ରୀନିବାସ ଦାଶ, ମହେଶ୍ୱର ମହାନ୍ତିଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଅସ୍ଥାୟୀ କର୍ମଚାରୀଙ୍କ ଛଟେଇ ନେଇ ପ୍ରତିବାଦ

ଖଲ୍ଲିକୋଟ,୨୭।୭(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଜାତୀୟ ରାଜପଥ ନଂ ୧୬ ଗୁରାପଲ୍ଲୀ ଟୋଲ ଗେଟକୁ ପୂର୍ବରୁ ଟେଣ୍ଡର ନେଇଥିବା ରାଞ୍ଚୋଡ କମ୍ପାନୀ ଅଧୀନରେ ୮୨ ଜଣ କର୍ମଚାରୀ କାର୍ଯ୍ୟରତ ଥିଲେ। ଉକ୍ତ ଟୋଲଗେଟକୁ ଚଳିତ ବର୍ଷ ଓମ୍ ସାଇ ଏଣ୍ଟରପ୍ରାଇଜର ନାମକ କମ୍ପାନୀ ଟେଣ୍ଡର ନେଇଛନ୍ତି। ଏତେ ସଂଖ୍ୟକ କର୍ମଚାରୀ ଆବଶ୍ୟକ ନ ଥିବା ଦର୍ଶାଇ କାର୍ଯ୍ୟରୁ ଛଟେଇ ପାଇଁ ପଦକ୍ଷେପ ନେଇଥିଲେ। ଏଥିରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଟୋଲଗେଟ ସ୍ଥାପନ ଦିନରୁ କାମ କରି ଆସୁଥିବା ସମସ୍ତ କର୍ମଚାରୀ ଟୋଲଗେଟ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ନୂତନ ଭାବେ ଆସିଥିବା ଓମ୍ ସାଇ ଏଣ୍ଟରପ୍ରାଇଜର କମ୍ପାନୀର କର୍ମକର୍ତ୍ତାଙ୍କ ସହ ଆଲୋଚନା ପରେ ସମସ୍ତ କର୍ମଚାରୀ ପୂର୍ବ ପରି କାମ କରିବେ ବୋଲି ପ୍ରକାଶ କରିଥିଲେ। ଫଳରେ ସମସ୍ତ କର୍ମଚାରୀ ଧାରଣାରୁ ହଟି କାର୍ଯ୍ୟରେ ଯୋଗ ଦେଇଥିଲେ। ବିଶୃଙ୍ଖଳା ଆଶଙ୍କାରେ ଭେଜିପୁଟ ଫାଣ୍ଡି ପୋଲିସ ଗେଟରେ ପହଞ୍ଚି ଅନୁଧ୍ୟାନ କରି ଫେରିଥିଲେ।

# ଗୋଚ୍ଛାପଡ଼ାରେ ମାଓବାଦୀ ବ୍ୟାନର

ଗୋଚ୍ଛାପଡା,୨୭।୭(ରୋହିତ କହଁର)



କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ଅଞ୍ଚଳରେ ଗୁରୁବାର ମାଓବାଦୀମାନେ ବ୍ୟାନର ଲଗାଇଛନ୍ତି । ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ କୁହାଯାଉଥିବା ଗୋଛାପଡା ପଞ୍ଚାୟତର ଡେରାକୁମ୍ପା ଗାଁ ପାଖ ଡ୍ରାଗନ ବଗିଚା ନିକଟରେ ଏହି ବ୍ୟାନର ଦେଖିବାକୁ ମିଳିଛି। ସେହିଭଳି କୁଏରମାଣ୍ଟୁ, ପାହିରାଜୁ, ଓ ବାଲନ୍ଦାପଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ମଧ ମାଓବାଦୀ ବ୍ୟାନର ଲାଗିଥିବା ଖବର ମିଳିଛି। ବ୍ୟାନରରେ ଜୁଲାଇ ୨୭ ତାରିଖଠାରୁ ଅଗଷ୍ଟ ୩ ଯାଏ ଶହୀଦ ସପ୍ତାହ ପାଳନ କରିବା ପାଇଁ ଆହ୍ୱାନ ଦିଆଯାଇଛି। ସିପିଆଇ ମାଓବାଦୀ ସଙ୍ଗଠନ ତରଫରୁ ଏହି ପୋଷ୍ଟର ଲଗାଯାଇଥିବା ଉଲ୍ଲେଖ ରହିଛି। ବ୍ୟାନର ଲାଗିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ଜାତିଆଣ ଆକ୍ଷେପ କରିଥିବା ଯୁବକଙ୍କୁ ଅନୁକମ୍ପା

**ଏସ୍‌ପିଙ୍କୁ ଫେରାଦ୍ ପରେ ନାହିଁ କାର୍ଯ୍ୟାନୁଷ୍ଠାନ**

ନୟାଗଡ଼,୨୭।୭(ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନା ପାଣିପୋଇଲାର ଦେବକୀ ନାୟକଙ୍କୁ ଜାତିଆଣ ଆକ୍ଷେପ, ହତ୍ୟା ଉଦ୍ୟମ ସହ ମାରପିଟ୍ ପରେ ବି ପୋଲିସ ଗିରଫ କରୁ ନାହିଁ । ଘଟଣା ସମ୍ପର୍କରେ ଦେବକୀଙ୍କ ପରିବାର ପକ୍ଷରୁ ନୟାଗଡ଼ ଏସ୍‌ପିଙ୍କୁ ଫେରାଦ୍ ପରେ ବି ନାହିଁ କାର୍ଯ୍ୟାନୁଷ୍ଠାନ ବୋଲି ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଗତ ୬ ତାରିଖ ସନ୍ଧ୍ୟାରେ ସବର୍ଣ୍ଣ ସାହିର ଅଭିଷେକ ନାୟକ ବାଇକ୍ ଦ୍ରୁତ ଗତିରେ ନେଇ ଦେବକୀ ନାୟକଙ୍କ ଏକ ବନରାଜ କୁକୁଡାଙ୍କୁ ମଡାଇ ମାରି ଦେଇଥିଲେ। କୁକୁଡାଟି ମରିଯିବା ପରେ ବି କିଛି ନ କହି ସେ ଚାଲି ଯାଇଥିଲେ। ଘଟଣା ସମ୍ପର୍କରେ ଦେବକୀ ଅଭିଷେକଙ୍କ ଘରକୁ ଯାଇ କୁକୁଡ଼ା ମାରିବା ସମ୍ପର୍କରେ କହିଥିଲେ।ଏଭଳି ସମୟରେ ଅଭିଷେକଙ୍କ ପରିବାର ଘଟଣାର ସମାଧାନ କରିବା ବଦଳରେ ପୁଅକୁ ସମର୍ଥନ କରିଥିଲେ। ମା'ରାଣିଆ ନାୟକ, ବାପା ବାବୁଲି ନାୟକ ଓ ପୁଅ ଅଭିଷେକ ମିଳିତ ହୋଇ ଜାତିଆଣ ଆକ୍ଷେପ, ଅଶ୍ଳୀଳ ଗାଳିଗୁଲଜ, ହତ୍ୟା ଧମକ ଦେଇଥିଲେ। ଏନେଇ ଦେବକୀ ଅଭିଯୋଗ କରିବା ପରେ ପୋଲିସ ମା, ପୁଅ ଓ ବାପାଙ୍କ ନାମରେ ୨୯୪/୫୦୬, ୩୪ ଆଇପିସି, ୩(୧)(ଆର)(ଏସ୍), ୩(୨)(ଭିଏ) ଦଫାରେ ୧୧୭/୨୩ରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ତେବେ ଘଟଣାର ୨୦ରୁ ଉର୍ଦ୍ଧ୍ୱ ଦିନ ବିତି ଯାଇଥିଲେ ବି ପୋଲିସ କାହାରିକୁ ଗିରଫ କରି ନାହିଁ ବୋଲି ଅଭିଯୋଗ ରହିଛି। ଅଭିଯୁକ୍ତ ଗାଁରେ ବୁଲି ଧମକଚମକ ଦେଉଛନ୍ତି । ମୋ ନାଁରେ ଥାନା ଓ କୋର୍ଟରେ ଅଭିଯୋଗ କଲେ କିଛି ଲାଭ ହେବ ନାହିଁ ବୋଲି କହି ଆତଙ୍କ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି ।

# ସଡ଼କ ସୁରକ୍ଷା ଓ ବନ ମହୋତ୍ସବ

କୋଦଳା,୨୭।୭ (ଅମିତ କୁମାର ପଟ୍ଟନାୟକ)

ସ୍ଥାନୀୟ ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟ ପରିସରରେ କୋଦଳା ଜାତୀୟ ସେବା ଯୋଜନା ତରଫରୁ ସଡ଼କ ସୁରକ୍ଷା ସପ୍ତାହ ଏବଂ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ରଘୁନାଥ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କୋଦଳା ଥାନା ଅଧିକାରୀ ଉମାକାନ୍ତ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଏବଂ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନତା କରିଥିଲେ।

# ଦୁର୍ଘଟଣାରେ ମୃତ ଯବାନଙ୍କୁ ଗାର୍ଡ ଅଫ୍ ଅନର

ଧରାକୋଟ, ୨୭।୭(ବିଷ୍ଣୁକେଶରୀ ଆଚାର୍ଯ୍ୟ): ବଡଗଡ ଥାନା ଅନ୍ତର୍ଗତ ବରଡା ବାଲି ନିକଟରେ ବୁଧବାର ବସ ଧକ୍କାରେ ସୀମା ସୁରକ୍ଷା ବଳ ଯବାନ ଜିତେନ୍ଦ୍ର ପାଢ଼ୀଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ଆସିକା ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ବିଏସଏଫ ସବ୍‌ଇନସପେକ୍ଟର ରବୀନ୍ଦ୍ର କୁମାର ଓ ତାଙ୍କ ସହ ଥିବା ୧୨ ଜଣିଆ ଟିମକୁ ଶବ ହସ୍ତାନ୍ତର କରାଯାଇଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଶବ ଗ୍ରାମରେ ପହଞ୍ଚିବା ପରେ ଗ୍ରାମ ପରିକ୍ରମା କରାଯାଇଥିଲା। କୁସରାବ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା। ବୀର ଯବାନଙ୍କୁ ଧରାକୋଟ ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି, ଥାନା ସବଇନ୍ସପେକ୍ଟର ବାଲ୍ମିକୀ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଦିଲୀପ ଜେନା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ବନ ମହୋତ୍ସବ ପାଳିତ



ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ନୟାଗଡ଼,୨୭।୭ (ଲୋକନାଥ ମିଶ୍ର)

ଗୁରୁବାର ନୟାଗଡ଼ କଳା ପରିଷଦ ଓ ମଦର ଆବାସିକ ବିଦ୍ୟାଳୟ ଉଭୟ ମିଳିତ ଆନୁକୂଲ୍ୟରେ ବନମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ତହସିଲଦାର ବିଦ୍ୟାଧର ଆଚାର୍ଯ୍ୟ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସାମାଜିକ କର୍ମୀ ଦାମୋଦର ସାହୁ, ଫରେଷ୍ଟର ସୁମିତ୍ରା ଜେନା, ସାମାଜିକ କର୍ମୀ ବନମାଳୀ ମିଶ୍ର, ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ପ୍ରଭାସିନୀ ନନ୍ଦ ଯୋଗ ଦେଇ ବୃକ୍ଷ ରୋପଣ କରିବା ସହ ସଚେତନତା କରାଇଥିଲେ।

# ଅଧା କାମକରି ଠିକାଦାର ଛୁ

**ବସୁଧା ପାନୀୟ ଜଳ ଯୋଗାଣ ଯୋଜନା**

ଗଣିଆ,୨୭।୭(ସନ୍ତୋଷ କୁମାର ପ୍ରଧାନ)

ଗ୍ରୀଷ୍ମ ଯାଇ ବର୍ଷା ଋତୁ ଚାଲିଲା । ହେଲେ ଗଣିଆ ବ୍ଲକରେ ପାନୀୟ ଜଳ ସମସ୍ୟା ସୁଧୁରି ପାରିଲା ନାହିଁ । ପ୍ରତିବର୍ଷ ଗ୍ରୀଷ୍ମଋତୁ ପୂର୍ବରୁ ପଞ୍ଚାୟତ ସମିତି ବୈଠକରେ ପାନୀୟ ଜଳ ସମସ୍ୟା ସୁଧାରିବା ପାଇଁ ଗୁରୁତ୍ୱ ଆରୋପ କରାଯାଇଥାଏ । ପରବର୍ତ୍ତୀ ସମୟରେ ନଳକୂପଗୁଡ଼ିକୁ ମରାମତି କରାଯାଏ । ଅଚଳ ପାନୀୟ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକ ସ୍ଥାଣୁ ପାଲଟି ଥାଏ। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଦ୍ୱାରା ପ୍ରତିଘରକୁ ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ କରିବା ପାଇଁ ରାଜ୍ୟ ସରକାର ବସୁଧା ଯୋଜନା କାର୍ଯ୍ୟକାରୀ କରିଛନ୍ତି । ହେଲେ ଲୋକେ ପାନୀୟ ଜଳ ପାଇବା ତ ଦୂରର କଥା ଆଜି ପର୍ଯ୍ୟନ୍ତ ଗଣିଆ ବ୍ଲକର ଅଧିକାଂଶ ସ୍ଥାନରେ ଏହି ଯୋଜନା କେବଳ ଫଳକରେ ସୀମିତ ରହିଥିବା ଦେଖିବାକୁ ମିଳିଛି । କେତେକ ସ୍ଥାନରେ ଠିକାଦାରମାନେ ଜଳ ଯୋଗାଣ ବ୍ୟବସ୍ଥା କାର୍ଯ୍ୟ ଅଧାପନ୍ତରିଆ ଭାବେ କରି ଛୁ ମାରିଛନ୍ତି ।





ଛାମୁଣ୍ଡିଆ ପଞ୍ଚାୟତ ହରିପୁର ଗ୍ରାମରେ ଆଜକୁ ୧୦ ବର୍ଷ ହେବ ପାଇପ ଜଳ ଯୋଗାଣ ବ୍ୟବସ୍ଥା ଆରମ୍ଭରୁ ଅଚଳ ହୋଇ ପଡିରହିଛି । ଜଳ ଯୋଗାଣ ପାଇଁ ମହାନଦୀରେ ଖୋଳାଯାଇଥିବା ବୋରୱେଲ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଆଜି ପର୍ଯ୍ୟନ୍ତ ଲୋକେ ପାଇପ ପାଣି କ'ଣ ଦେଖି ନାହାନ୍ତି। ଗ୍ରାମକୁ ସଂଯୋଗ କରାଯାଇଥିବା ଲୁହା ପାଇପ ଓ ଷ୍ଟାଣ୍ଡ ପୋଷ୍ଟଗୁଡ଼ିକ ଭାଙ୍ଗିରୁଜି ଖତ ଖାଇ ପଡିଛି । ବାରମ୍ବାର ହରିପୁର ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ କରିବା ପରେ ଗତ ଏପ୍ରିଲ ମାସରେ ପାଇପ୍ ବିଛାଇବା କାର୍ଯ୍ୟ ଆରମ୍ଭ ହୋଇ ଅଧାପନ୍ତରିଆ କରି ଠିକାଦାର ଛୁ ମାରିଥିବା ଅଭିଯୋଗ ହୋଇଛି । ପ୍ରତିବର୍ଷ ଖରାଦିନେ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ଜଣାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମର ଦୁଆରି ବେହେରା କୁହନ୍ତି । ସେହିପରି ଛାମୁଣ୍ଡିଆ ପଞ୍ଚାୟତର କୁତୁରୀ ଓ କାଣିପୋଖରୀକୁ ଜଳ ଯୋଗାଣ ବ୍ୟବସ୍ଥା ଆଦୌ ନ ଥିବା ବେଳେ ଛାମୁଣ୍ଡିଆ ହରିଜନ ସାହି, ବେଣୁପଲ୍ଲୀ, ଗୋପୀନାଥପୁର, ଭଗାମୁଣ୍ଡା ଓ ବୁଟୁବୁରେଇ ଗ୍ରାମର ଜଳ ଯୋଗାଣ ବ୍ୟବସ୍ଥା ଅଚଳାବସ୍ଥାରେ ପଡିରହିଛି । ଚଳିତ ବର୍ଷ ଖରାଦିନେ ପଞ୍ଚାୟତ କାର୍ଯ୍ୟାଳୟ ତରଫରୁ ଏହି ଗ୍ରାମଗୁଡ଼ିକୁ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦିଆଯାଉଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ କୌଣସି ଆନ୍ତରିକତା ପ୍ରକାଶ କରୁ ନ ଥିବା ଗ୍ରାମବାସୀ କହିଛନ୍ତି । ହରିପୁର ଗ୍ରାମ ଅଚଳ ପାନୀୟ ଜଳ ପ୍ରକଳ୍ପ ଆଗରେ ଲାଗିଥିବା ବସୁଧା ଫଳକର ବାର୍ତ୍ତା ଏହି ଯୋଜନାକୁ ଉପହାସ କରୁଛି। ସରକାର ୫-ଟି ଜରିଆରେ ବିକାଶ ପାଇଁ ନାନା ଯୋଜନା କରୁଛନ୍ତି । ହେଲେ ଗଣିଆ ବ୍ଲକରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପ୍ରତି ଦୃଷ୍ଟି ପଡୁ ନ ଥିବା ଅନୁମେୟ ହେଉଛି । ଏ ଦିଗରେ ସରକାର ପ୍ରତିବର୍ଷ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କୁ ହାତ କରି ଠିକାଦାର ମାଲାମାଲ ହେଉଛନ୍ତି । ଏ ସମ୍ପର୍କରେ ଗଣିଆ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଲିପ୍‌ସା ମହାନ୍ତିଙ୍କୁ ପଚାରିବାରୁ ହରିପୁର ପ୍ରକଳ୍ପରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସି ନାହିଁ । ବିଦ୍ୟୁତ୍ ବିଭାଗକୁ ଏଥିପାଇଁ ଚିଠି କରାଯାଇଛି । ଟ୍ରାନ୍ସଫର୍ମର ଲାଗିଲା ପରେ ଟ୍ରାଏଲ କରାଯାଇ କାମ ସମ୍ପୂର୍ଣ୍ଣ କରାଯିବ ବୋଲି ସେ କହିଛନ୍ତି ।

# ବଢୁଛି ଡ୍ରପ୍ ଆଉଟ୍ ପିଲା ସଂଖ୍ୟା

- ଚିହ୍ନଟ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ
- ଏକାଧିକ ପତ୍ର, ଆଦେଶ କାର୍ଯ୍ୟକାରୀ ହେଉନି
- ସ୍କୁଲ, ଅଙ୍ଗନୱାଡି କେନ୍ଦ୍ରକୁ ଯାଉନାହାନ୍ତି ଛୋଟ ପିଲା

**ଯାଜପୁର,୨୭।୭(ହର୍ଷବର୍ଦ୍ଧନ ବେହେରା) :**


ପିଲାମାନେ ସ୍କୁଲ ନ ଯାଇ ରେଳ ଧାରଣା କଡ଼ରେ ଖେଳୁଛନ୍ତି ।

ଶିକ୍ଷା କ୍ଷେତ୍ରରେ ବିକାଶଶୀଳ ଜିଲା ଭାବେ ପରିଚିତ ଯାଜପୁରରେ ଅଧାରୁ ପାଠ ଛାଡିବା(ଡ୍ରପ୍ ଆଉଟ) ଏବଂ ଆଦୌ ସ୍କୁଲ ବାରଣ୍ଡା ମାଡି ନ ଥିବା ପିଲାଙ୍କ ସଂଖ୍ୟା ହ୍ରାସ ପାଇ ପାରୁନାହିଁ। ଜିଲାରେ ୨୦୧୮-୧୯ ଶିକ୍ଷା ବର୍ଷରେ ଅନୁସୂଚିତ ଜାତି(ଏସ୍‌ସି) ଏବଂ ଜନଜାତି(ଏସ୍‌ଟି) ଶ୍ରେଣୀର ସମୁଦାୟ ୩୨୬୨ ଜଣ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡିଥିବା ରିପୋର୍ଟ ଏକ ବିଧାନସଭା ପ୍ରଶ୍ନର ଉତ୍ତରରେ ଜଣାପଡିଥିଲା। ତେବେ ଏହାର ୫ ବର୍ଷ ପରେ ବି ଡ୍ରପ୍ ଆଉଟ ଛାତ୍ରୀଛାତ୍ର ଚିହ୍ନଟ ହେବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହି ମର୍ମରେ ଧରିତ୍ରୀରେ ଗତ ୧୧ ତାରିଖରେ ଡ୍ରପ୍ ଆଉଟ ପିଲାଙ୍କ ଥଇଥାନ ଚିନ୍ତା ଶୀର୍ଷକ ଏକ ଖବର ପ୍ରକାଶ ପାଇବା ପରେ ଯାଜପୁର ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି କ୍ରମରେ ସମସ୍ତ ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କୁ ଦେଇଥିବା ପତ୍ରରେ ଜିଲା ଶିକ୍ଷାଧିକାରୀ ଦର୍ଶାଇଛନ୍ତି, ବାରମ୍ବାର ଏକାଧିକ ପତ୍ର ଓ ନିୟମିତ ଭାବେ ନିର୍ଦ୍ଦେଶ ଦିଆଯାଉଥିଲେ ବି ଡ୍ରପ୍ ଆଉଟ ପିଲାଙ୍କ ଚିହ୍ନଟ ହୋଇ ପାରୁନାହିଁ। ଏହାସହ ୧୦୦ ପ୍ରତିଶତ ଡ୍ରପ୍ ଆଉଟ ପିଲାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଲକ୍ଷ୍ୟ ହାସଲ ହୋଇ ପାରିନାହିଁ। ଯାହା ଫଳରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଉତ୍ତର ଦେବାରେ ସମସ୍ୟା ହେଉଛି। ତେଣୁ ଡ୍ରପ୍ ଆଉଟ ପିଲାଙ୍କୁ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ଶିକ୍ଷାଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଅଙ୍ଗନୱାଡି କେନ୍ଦ୍ରକୁ ନ ଯାଇ ୬ ବର୍ଷରୁ କମ୍ ପିଲାମାନେ ରେଳଲାଇନ କଡରେ ସମୟ ଅତିବାହିତ କରୁଥିବା ଦୃଶ୍ୟ ତଥାଭିଜ୍ଞ ମହଲରେ ଆଲୋଡନା ସୃଷ୍ଟି କରିଛି।

ଜିଲାର ଶିଳ୍ପ ସମୃଦ୍ଧ କଳିଙ୍ଗନଗର ତଥା ଦାନଗଦି ବ୍ଲକ ଅଞ୍ଚଳରେ ସାମାଜିକ କର୍ମୀ ମଣ୍ଟୁ ଦାସ ଓ ତାଙ୍କ ସାଥି ବେସରକାରୀ ଭାବେ ୬୫୪ ଜଣ ଛାତ୍ରୀଛାତ୍ର ଡ୍ରପ୍ ଆଉଟ ହୋଇଥିବା ଚିହ୍ନଟ କରିଥିଲେ। ଉକ୍ତ ତଥ୍ୟକୁ ଆଧାର କରି ସେ ହାଇକୋର୍ଟରେ ୧୬୨୯/୨୦୨୩ ନମ୍ବରରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ଏହି ମାମଲା ଉପରେ ହାଇକୋର୍ଟଙ୍କ ପକ୍ଷରୁ ଗତ ୨୪।୧।୨୦୨୩ରେ ଶୁଣାଣୀ କରି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କୁ ଉକ୍ତ ଅଭିଯୋଗ ଉପରେ ତଦନ୍ତ କରିବା ସହ ଉପଯୁକ୍ତ ଭାବେ ଥଇଥାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଉକ୍ତ ନିର୍ଦ୍ଦେଶର ୬ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଡ୍ରପ୍ ଆଉଟ ପିଲାମାନେ ବାଧ ହୋଇ ବାହାରକୁ ଦାଦନ ଖଟି ଯାଉଥିବା ଅଭିଯୋଗ ହେଉଛି। ଶିଳ୍ପ ବହୁଳ ଜିଲାରେ ମଧ୍ୟ ଏଭଳି ପରିସ୍ଥିତି ସଂଗୀନ ରହିଛି । ପିଲାମାନଙ୍କୁ ସ୍କୁଲକୁ ଆକୃଷ୍ଟ କରିବାକୁ ରାଜ୍ୟ ସରକାର ବହୁବିଧ ଯୋଜନା ପ୍ରଣୟନ କରିଛନ୍ତି। ଏହାସହ ୬ ବର୍ଷରୁ କମ ପିଲାମାନଙ୍କ ପାଇଁ ଅଙ୍ଗନୱାଡି କେନ୍ଦ୍ର ଖୋଲା ଯାଇଛି। ଏହି ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ମଧ୍ୟ ସରକାର ଅନେକ ସୁବିଧା ଯୋଗାଇ ଦେଉଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ଏହି ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ପାରୁ ନ ଥିବାରୁ ସ୍କୁଲ ସମୟରେ ପିଲାମାନେ ବିପଦସଙ୍କୁଳ ସ୍ଥାନରେ ଖେଳୁଥିବା ଦେଖିବାକୁ ମିଳିଛି। ଅଭାବ ଅନାଟନ ଯୋଗୁ ଅତି ବେଶୀରେ ୪ର୍ଥ, ୫ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଯାଇ ସେମାନେ ଅଧାରୁ ପାଠ ଛାଡୁଛନ୍ତି । ବୟସ ଅନୁସାରେ ସେମାନଙ୍କ ନାମ ବିଭିନ୍ନ ଶ୍ରେଣୀରେ ଲେଖା ଯାଉଛି ସତ ହେଲେ ସେହି ବାଳିକାବାଳକମାନେ ଘର କାମ କିମ୍ବା ଶିଶୁ ଶ୍ରମିକ ଭାବେ ନିୟୋଜିତ ରହୁଛନ୍ତି । ପିଲାମାନଙ୍କୁ ସ୍କୁଲକୁ ଆକୃଷ୍ଟ କରିବାକୁ ସରକାରଙ୍କ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ମଧ୍ୟ କାମରେ ଲାଗୁନି । ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା କୁହନ୍ତି, ବିପଦ ସଙ୍କୁଳ ଏବଂ ଦୟନୀୟ ଅବସ୍ଥାରେ ଛୋଟ ପିଲାମାନେ ରେଳଲାଇନ କଡରେ ସମୟ ଅତିବାହିତ କରୁଛନ୍ତି, ଯାହାକି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କେତେ ଦୂର ସଫଳ ହେଉଛି ତାହା ଏପରି ସ୍ଥିତିରେ ଜଳଜଳ ହୋଇ ଦିଶୁଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ(ସ୍କିମ୍) ଶଶୀଧର ସିଂହଙ୍କୁ ପଚାରିବାରୁ ସେ କହିଛନ୍ତି, ସମସ୍ତ ବିଇଓ ଏବଂ ପ୍ରଧାନ ଶିକ୍ଷକମାନଙ୍କୁ ଡ୍ରପ୍ ଆଉଟ ପିଲାଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ହୋଇଛି। ଏହାସହ ଶତ ପ୍ରତିଶତ ଡ୍ରପ୍ ଆଉଟ ସଂଖ୍ୟା ହ୍ରାସ କରିବାକୁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି।

# ଶିକ୍ଷକ ଅଛନ୍ତି, ଛାତ୍ରୀଛାତ୍ର ଆସୁନାହାନ୍ତି


ସ୍କୁଲକୁ ପିଲାମାନେ ପଢ଼ିବାକୁ ଆସୁ ନ ଥିବାରୁ ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟାଳୟରେ ବସି ରହିଛନ୍ତି।


ପିଲାମାନେ ଆସି ନ ଥିବାରୁ ଶ୍ରେଣୀ ଗୃହ ଖାଲି ପଡିଛି।

**ରଘୁନାଥପୁର,୨୭।୭ (ରାଜେନ୍ଦ୍ର ନାରାୟଣ ସିଂହ)**

- ୩ ଦିନ ହେଲା ପାଠପଢ଼ା ଠପ୍
- ଶିକ୍ଷୟିତ୍ରୀଙ୍କ ଡେପୁଟେଶନ ବାତିଲ ଦାବି
- ମହେଶ୍ୱର ସରକାରୀ ଉ.ପ୍ରା. ବିଦ୍ୟାଳୟ

ସରକାର ଶିକ୍ଷାକ୍ଷେତ୍ରରେ ଅର୍ଥ ବିନିଯୋଗ କରୁଛନ୍ତି। ସଭିଏଁ ପଢ଼ନ୍ତୁ ଓ ଶିକ୍ଷିତ ହୁଅନ୍ତୁ ସ୍ଲୋଗାନ ଦେଉଛନ୍ତି। ହେଲେ ଜଣେ ଶିକ୍ଷୟିତ୍ରୀଙ୍କ ଡେପୁଟେଶନ ବାତିଲ ଦାବି କରି ୩ ଦିନ ହେଲା ବିଦ୍ୟାଳୟକୁ ଛାତ୍ରୀଛାତ୍ର ଆସୁନାହାନ୍ତି। ଏହା ଶିକ୍ଷା ବ୍ୟବସ୍ଥାର ପାରିବାପଣିଆକୁ ପଦାରେ ପକାଇଛି। ଫଳରେ ଉକ୍ତ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ହୋଇଯାଇଛି। ଶିକ୍ଷୟିତ୍ରୀଶିକ୍ଷକ ଆସି ବିଦ୍ୟାଳୟ କାର୍ଯ୍ୟାଳୟରେ ବସି ରହିବା ସାର ହେଉଛି। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଜଇପୁରସ୍ଥିତ ମହେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ।

ଉକ୍ତ ବିଦ୍ୟାଳୟରେ ୧୭୦ଜଣ ଛାତ୍ରୀଛାତ୍ରଙ୍କ ପାଇଁ ୭ ଜଣ ଶିକ୍ଷୟିତ୍ରୀଶିକ୍ଷକ ଶିକ୍ଷାଦାନ ନିମନ୍ତେ ନିୟୋଜିତ ଅଛନ୍ତି। ସ୍ଥାନୀୟ ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନ ଥିବାରୁ ମହେଶ୍ୱର ଉ.ପ୍ରା. ବିଦ୍ୟାଳୟରୁ ଶିକ୍ଷୟିତ୍ରୀ ସରସ୍ୱତୀ ସାସ୍ମଲଙ୍କୁ ୧୯ ତାରିଖରେ ଉକ୍ତ ବିଦ୍ୟାଳୟକୁ ଡେପୁଟେଶନରେ ପଠାଯାଇଥିଲା। ଜଣେ ଭଲ ପାଠ ପଢ଼ାଉଥିବା ଶିକ୍ଷୟିତ୍ରୀଙ୍କୁ ଡେପୁଟେଶନରେ ପଠାଯିବା କଥାକୁ ସହଜରେ ଛାତ୍ରୀଛାତ୍ର ଓ ଅଭିଭାବକ ଗ୍ରହଣ ପାରି ନ ଥିଲେ। ମଙ୍ଗଳବାର ବିଦ୍ୟାଳୟ ସମ୍ମୁଖରେ ବସି ଅଭିଭାବକମାନେ ଏହାର ପ୍ରତିବାଦ କରିବା ସହ ଛାତ୍ରୀଛାତ୍ର ଶ୍ରେଣୀଗୃହକୁ ପ୍ରବେଶ କରି ନ ଥିଲେ। ବୁଧବାର ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ଓ ସିଆରସିସି ବିରୂପାକ୍ଷ ସେଠି ବିଦ୍ୟାଳୟରେ ପହଞ୍ଚି ଅଭିଭାବକଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସ ସୁଫଳ ମିଳି ନ ଥିଲା। ଉକ୍ତ ଶିକ୍ଷୟିତ୍ରୀଙ୍କ ଡେପୁଟେଶନ ଅର୍ଡର ବାତିଲ କରିବା ପାଇଁ ଅଭିଭାବକ ଓ ପରିଚାଳନା କମିଟି ସଭ୍ୟାସଭ୍ୟ ଅଧିକାରୀଙ୍କ ନିକଟରେ ଅଡ଼ି ବସିଥିଲେ। ଶିକ୍ଷା ବିଭାଗ ଓ ଅଭିଭାବକଙ୍କ ମଧ୍ୟରେ ବଳ କଷାକଷିରେ ୩ ଦିନ ଧରି ନିରୀହ ଛାତ୍ରୀଛାତ୍ରଙ୍କ ଶିକ୍ଷା ଆହରଣ ବାଧାପ୍ରାପ୍ତ ହେଉଛି। ଏ ସମ୍ପର୍କରେ ମଣ୍ଡଳ ଶିକ୍ଷାଧିକାରୀ ସ୍ୱାଇଁ କହିଛନ୍ତି, ସ୍ଥାନୀୟ ନୂଆପଡ଼ା ସ୍କୁଲରେ ଶିକ୍ଷକ ନ ଥିବାରୁ ଉକ୍ତ ସ୍କୁଲକୁ କିଛିଦିନ ପାଇଁ ଶିକ୍ଷୟିତ୍ରୀ ସାସ୍ମଲଙ୍କୁ ପଠାଯାଇଛି। ଏହାଛଡ଼ା ମହେଶ୍ୱର ଉପ୍ରା ସ୍କୁଲରେ ଆବଶ୍ୟକତାଠାରୁ ଅଧିକ ଶିକ୍ଷକ ଅଛନ୍ତି। ଅଭିଭାବକମାନେ ବୁଝୁ ନ ଥିବାରୁ ଏ ସମ୍ପର୍କରେ ସେ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇବେ ବୋଲି କହିଛନ୍ତି। ଅପରପକ୍ଷେ ଏ ସମ୍ପର୍କରେ ଗୁରୁବାର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିବା ମହେଶ୍ୱର ଉପ୍ରା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ସ୍ୱାଇଁ ପ୍ରକାଶ କରିଛନ୍ତି। ଡେପୁଟେଶନ ବାତିଲ ନ ହେବା ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସିବେ ନାହିଁ ବୋଲି ସେ କହିଛନ୍ତି।

## ଛାତରୁ ପଡ଼ି ଦାଦନ ଶ୍ରମିକଙ୍କ ମୃତ୍ୟୁ

**ରାଜନଗର, ୨୭।୭ (ଭାସ୍କର ରାଉତରାୟ)**

ରାଜନଗର ଥାନା ମହିଁଷାସୁର ପଞ୍ଚାୟତ ଚଣ୍ଡିଆପଲ୍ଲୀ ଗ୍ରାମର ଶୁକଦେବ ସ୍ୱାଇଁଙ୍କ ସାନପୁଅ ଦାଦନ ଶ୍ରମିକ ସୁଲେଖ ୪ ମହଲା କୋଠାରେ କାମ କରୁଥିଲେ। ଛାତରୁ ପଡ଼ି ତାଙ୍କର ମୃତ୍ୟୁ ହୋଇଛି। ସୁଲେଖ ବର୍ଷେ ତଳେ ପୁଣେ ସହରରେ ପାଣି ପାଇପ୍ ମିସ୍ତ୍ରି ଭାବେ କାମ କରୁଥିଲେ। କୋଠାରେ କାମ କରୁଥିବା ବେଳେ ଅସାବଧାନତା ହେତୁ ତଳକୁ ଖସି ପଡ଼ିଥିଲେ। ମୁମୂର୍ଷୁ ଅବସ୍ଥାରେ ସାଥୀ ଶ୍ରମିକମାନେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁଲେଖଙ୍କ ମୃତ୍ୟୁ ହୋଇଥିଲା। ଗୁରୁବାର ସକାଳୁ ସୁଲେଖଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶ୍ମଶାନରେ ସଂସ୍କାର କରାଯାଇଛି। ସ୍ଥାନୀୟ ସରପଞ୍ଚ ଅଶୋକ ମହାନ୍ତି ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ପ୍ରଦାନ କରିବା ସହ ସଂସ୍କାର ସମୟରେ ଉପସ୍ଥିତ ରହି ପରିବାରଙ୍କୁ ସମବେଦନା ଜଣାଇଥିଲେ। ସୁଲେଖଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦିଲୀପ


@ କମଲ


@ ମାନସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରତ୍ନଗିରି ରୋଡ୍ ଷ୍ଟେଶନ ହେଲା ଉଦୟଗିରି-ରତ୍ନଗିରି ରୋଡ୍

**ଚଣ୍ଡିଖୋଲ,୨୭।୭(ପ୍ରଦୀପ୍ତ କୁମାର ପୃଷ୍ଟି):**

ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନ ହରିଦାସପୁର-ପାରାଦୀପ ରେଳପଥର ପଦ୍ମନାଭପୁରଠାରେ ଥିବା ଷ୍ଟେଶନ ନାମ ବଦଳିଛି। ପୂର୍ବରୁ ଏହାର ନାମ ରତ୍ନଗିରି ରୋଡ୍ ରହିଥିଲା। ଏବେ ଉଦୟଗିରି-ରତ୍ନଗିରି ରୋଡ୍ ହୋଇଛି। ଯେହେତୁ ଏହି ଷ୍ଟେଶନ ନିକଟରେ ବିଶ୍ୱପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରି ଓ ରତ୍ନଗିରି ରହିଛି, ତେଣୁ ରତ୍ନଗିରି ରୋଡ୍ ନାମକରଣକୁ ଉଦୟଗିରି-ରତ୍ନଗିରି ରୋଡ୍ କରିବା ପାଇଁ ଦାବି ହୋଇ ଆସୁଥିଲା। ସେଥିପାଇଁ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ପକ୍ଷରୁ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ରେଳମନ୍ତ୍ରୀ ଅଶିନୀ ବୈଷ୍ଣବ ଓ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ଲେଖି ଅନୁରୋଧ କରାଯାଇଥିଲା। ଏଥିରେ ବିଳମ୍ବ ହେବାରୁ ସେତେବେଳେ ରତ୍ନଗିରି ରୋଡ୍‌ଷ୍ଟେଶନ ସମ୍ମୁଖରେ ସମିତି ତରଫରୁ ଧାରଣା ଦିଆଯାଇଥିଲା। ଏହିପରି ବିଭିନ୍ନ ଚାପ ପ୍ରୟୋଗ ପରେ ପୂର୍ବତଟ ରେଳବାଇ ପକ୍ଷରୁ ଏହାର ନାମକରଣ ପରିବର୍ତ୍ତନ କରାଯାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ ମିଳିବା ପରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଗତ ୨୧ ତାରିଖରେ ପତ୍ର ସଂଖ୍ୟା ୮୩୪୭ରେ ଏକ ବିଜ୍ଞପ୍ତି ପ୍ରକାଶ କରି ବିଭିନ୍ନ ବିଭାଗକୁ ଏ ସମ୍ପର୍କରେ ଜଣାଇଛନ୍ତି।

# ଗୋବରୀ ନଦୀ କୂଳରେ ୫୨ ହଜାର ଚାରା ରୋପଣ

- ଲୁଣା ହେନ୍ତାଳ ଜଙ୍ଗଲ ସଂରକ୍ଷଣ ପାଇଁ ସଚେତନ କାର୍ଯ୍ୟକ୍ରମ
- ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଚେତନତା ନାଟକ

**ମହାକାଳପଡା,୨୭।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)**


ଭାଟେଣିଠାରେ ଛାତ୍ରୀମାନେ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରୁଛନ୍ତି।

ସାମୁଦ୍ରିକ ଝଡ଼ ବାତ୍ୟାକୁ ପ୍ରତିହତ କରିବା ପାଇଁ ଲୁଣା ହେନ୍ତାଳ ଜଙ୍ଗଲ ସୃଷ୍ଟି କରିବା ଉପରେ ଏକ ସଚେତନ କାର୍ଯ୍ୟକ୍ରମ ଓ ନାଟକ ପରିବେଷଣ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ଜମ୍ବୁ ପଞ୍ଚାୟତର ଭାଟେଣୀସ୍ଥିତ ନରେନ୍ଦ୍ରନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହା ହୋଇଥିଲା। ଏହି କାର୍ଯ୍ୟକ୍ରମ ନୂଆଦିଲ୍ଲୀସ୍ଥିତ ୱାର୍ଲ୍ଡ ୱାଇଲ୍‌ଡ ଫଣ୍ଡ ଫର୍ ନେଚର ଆନୁକୂଲ୍ୟରେ କରାଯାଇଛି। ଏହି ବେସରକାରୀ ଅନୁଷ୍ଠାନ ମୂଳ ଲକ୍ଷ୍ୟ ରଖିଛି ଉପକୂଳ ଅଞ୍ଚଳରେ ଝଡ଼ ବାତ୍ୟା, ଭୂକମ୍ପ, ସୁନାମି ଓ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ପ୍ରଚୁର ପରିମାଣରେ ହେନ୍ତାଳ ଓ ଲୁଣା ଜଙ୍ଗଲ ସୃଷ୍ଟି କରିବା। ଏଥିପାଇଁ ଏହି ଅନୁଷ୍ଠାନ ପକ୍ଷରୁ ଭାଟେଣିସ୍ଥିତ ଗୋବରୀ ନଦୀ କୂଳରେ ଏକ ଲୁଣା ଜାତୀୟ ଚାରା ନର୍ସରୀ କରାଯାଇଛି। ଏହି ନର୍ସରୀରେ ୫୨ହଜାର ବିଭିନ୍ନ ପ୍ରକାରର ଲୁଣା ଜାତୀୟ ଚାରା ମଞ୍ଜି ବୁଣି ଗଛ ସୃଷ୍ଟି କରାଯାଇଛି। ଏହି ୫୨ ହଜାର ଚାରାକୁ ଗୋବରୀ ନଦୀ କୂଳରେ ଜମ୍ବୁଠାରୁ ବେଣାକନ୍ଧା ବଜାର ୧୫ କିମି ଦୂର ପର୍ଯ୍ୟନ୍ତ ରୋପଣ କରାଯିବ। ଭାଟେଣି କଳସୀ ପେଟାଠାରେ ବିଭିନ୍ନ ପ୍ରଜାତିର ଲୁଣା ଚାରା ଗଛ ମଧ୍ୟରେ ରାଇ, ସୁନ୍ଦରୀ, ସିନ୍ଦୁକା, ଗରାଣୀ, ଖରଶି, ଓରୁଅ, ଗୁଆଁ, କଳିଆ ଚୁଆଁ, ପିତାମାରି, ଗଣ୍ଡରୀ ଆଦି ଚାରା ରୋପଣ ଶୁଭାରମ୍ଭ କରାଯାଇଛି। ପରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ନୃତ୍ୟନାଟିକା ଲୁଣା ଜଙ୍ଗଲ ଉପକୂଳର ନୀରବ ସବୁଜ ପ୍ରହରୀ ପରିବେଷଣ କରାଯାଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ପରିବେଶ ସୁରକ୍ଷା ସଚେତନ କାର୍ଯ୍ୟକ୍ରମରେ ଅନୁଷ୍ଠାନର ରାଜ୍ୟ ଉପଦେଷ୍ଟା ସାଧବୀ ସୁନ୍ଦର ବେହେରା, ପୂର୍ବତନ ବନଖଣ୍ଡ ଅଧିକାରୀ ଅଜୟ କୁମାର ଜେନା, ମଞ୍ଜୁପ୍ରଭା ଧଳ ଗୋଷ୍ଠୀ ସଚେତକଙ୍କ ସମେତ ଜମ୍ବୁ ସରପଞ୍ଚ ବିଶ୍ୱଜିତ୍ ବସୁ, ଶିକ୍ଷକ ଯୁଗଳ ମଣ୍ଡଳ, ଗୌତମ ଦାସ, ପ୍ରଧାନ ଶିକ୍ଷକ ପାର୍ବତୀ କିଷ୍କୁ, ପ୍ରହ୍ଲାଦ ଦାସ ପ୍ରମୁଖ ପରିବେଶ ସୁରକ୍ଷା ଅପରିହାର୍ଯ୍ୟ ବୋଲି କହିଥିଲେ। ଏହି ପରିବେଶ ସୁରକ୍ଷା ସଚେତନତା ଅଭିଯାନର ମୁଖ୍ୟ ତଥା ପରିବେଶବିତ୍ ଗୌତମ ଗାୟନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଭିତରକନିକା ସୁରକ୍ଷାକୁ ନେଇ ପ୍ରଶ୍ନ

- ସକ୍ରିୟ ହୋଇଛନ୍ତି କୋଇଲା ଚାଲାଣକାରୀ
- ଭଦ୍ରକରୁ କଟକ ପର୍ଯ୍ୟନ୍ତ ଲମ୍ବିଛି ରାକେଟର ହାତ

**କେନ୍ଦ୍ରାପଡ଼ା, ୨୭।୭ (ଜଗନ୍ନାଥ ଧଳ)**


ଜାତୀୟ ଉଦ୍ୟାନ ଭିତରକନିକା।

ଜାତୀୟ ଉଦ୍ୟାନ ଭିତରକନିକା ମଧ୍ୟ ଦେଇ ଧାମରାରୁ କଟକ ପର୍ଯ୍ୟନ୍ତ କୋଇଲା ଚୋରା ଚାଲାଣ ପୁନର୍ବାର ଆରମ୍ଭ ହୋଇଯାଇଛି। ଏହି ଚୋରା ଚାଲାଣକାରୀ ରାକେଟ ଏବେ ସକ୍ରିୟ ହୋଇଥିବା ବେଳେ ଭିତରକନିକାର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଲାଣି। ୪ ବର୍ଷ ମଧ୍ୟରେ ରାଜନଗର, ରାଜକନିକା ପୋଲିସ ୧୦ରୁ ଉର୍ଦ୍ଧ୍ୱ ଥର ଚୋରା କୋଇଲା ଚାଲାଣକାରୀଙ୍କୁ ଗିରଫ କଲାଣି।

ଏ ସମ୍ପର୍କରେ ରାଜନଗରର ପ୍ରତ୍ୟୁଷ ନାୟକ କହିଛନ୍ତି, ୨୦୧୯ ଏପ୍ରିଲରେ ରାଜନଗର ଥାନା ପୋଲିସ ଏପରି ଏକ ଘଟଣାରେ କଟକର ଖୁଣ୍ଟୁଣୀ ଅଞ୍ଚଳର ୨ ଜଣ ବ୍ୟକ୍ତିଙ୍କୁ କୋଇଲା ଭର୍ତ୍ତି ଟ୍ରକ୍ ସହ ଗିରଫ କରିଥିଲା। ଏହି ଘଟଣା ପରେ ବେଆଇନ ଭାବେ ହେଉଥିବା କୋଇଲା ଚାଲାଣ ବନ୍ଦ ହୋଇଥିଲା। ପୁଣି କିଛିବର୍ଷ ଧରି କୋଇଲାର ଚୋରାଚାଲାଣ ଭିତରକନିକା ଅଭୟାରଣ୍ୟ ବାଟ ଦେଇ କଟକକୁ ଚାଲିଛି। ଏ ନେଇ ବନ ବିଭାଗ ଅଥବା ସ୍ଥାନୀୟ ପୋଲିସର ତଦାରଖ ନାହିଁ। ଫଳରେ ଭିତରକନିକାର ସଂରକ୍ଷିତ ଜୀବଜନ୍ତୁଙ୍କ ଚୋରାଚାଲାଣ ସମ୍ଭାବନା ବଢ଼ି ଯାଇଛି। ଏ ନେଇ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। ରାଜନଗରର ତପନ କୁମାର ସାମଲ କହିଛନ୍ତି, ଖମାର ପଞ୍ଚାୟତ ଅଧୀନ ପରମାନନ୍ଦପୁର ଗ୍ରାମ ସୀମାକୁ ଲାଗିଥିବା ବ୍ରାହ୍ମଣୀ ନଦୀକୂଳରେ ଏହି କାରବାର ଚାଲିଛି। ସିମେଣ୍ଟ ବସ୍ତାରେ ପ୍ୟାକିଂ ହୋଇ ଆସୁଥିବା ଏହି କୋଇଲା ଧାମରା ବନ୍ଦରରୁ ବୋଟ ଯୋଗେ ସମୁଦ୍ରପଥ ଓ ବୈତରଣୀ ନଦୀ ମଧ୍ୟ ଦେଇ ପରମାନନ୍ଦପୁରରେ ପହଞ୍ଚୁଛି। ବ୍ଲକର ନଳିତାପାଟିଆଠାରେ କୋଇଲା ଅନଲୋଡିଂ ହେଉଛି। ମାତ୍ର ୩ ଘଣ୍ଟା ମଧ୍ୟରେ ଏହା ଟ୍ରକ୍‌ରେ ଲଦା ହୋଇ କଟକ ସହ ଅନ୍ୟ ସହରକୁ ଚାଲାଣ ହେଉଛି। ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଏହି କାରବାର ଚାଲିଥିବା ବେଳେ ବନ ବିଭାଗ ଚୋଲ ଏଠାରୁ ମାତ୍ର ୧ କିଲୋମିଟର ଦୂର। ରାତିରେ କୋଇଲା ଭର୍ତ୍ତି ଟ୍ରକ୍‌ଗୁଡ଼ିକ ଯାଉଛି। ଏ ସମ୍ପର୍କରେ ସାମାଜିକ କର୍ମୀ ବାନାମ୍ବର ସାହୁ କହିଛନ୍ତି, ଉପକୂଳ ସୁରକ୍ଷାକୁ ନେଇ ଜିଲା ପ୍ରଶାସନ ବହୁବାର ବୈଠକ କରୁଛନ୍ତି। ତେବେ ଏହାର କାର୍ଯ୍ୟକାରିତାକୁ ନେଇ ବିଭିନ୍ନ ସମୟରେ ପ୍ରଶ୍ନ ଉଠୁଛି। ସମୁଦ୍ର ମଧ୍ୟ ଦେଇ ବାଂଲାଦେଶୀ କେନ୍ଦ୍ରାପଡ଼ାକୁ ଆସୁଥିବା ବେଳେ ବିଭିନ୍ନ ନିଶା କାରବାର ହେଉଥିବା ଗଣମାଧ୍ୟମରେ ଜାଣିବାକୁ ମିଳୁଛି। ସେହିପରି ଚିଙ୍ଗୁଡ଼ି ଘେରି ଉଚ୍ଛେଦ, ହେନ୍ତାଳବଣ ନଷ୍ଟକୁ ନେଇ ଜିଲା ପ୍ରଶାସନ ସତର୍କ ନ ଥିବା ବେଳେ କୋଇଲା ଚୋରା ଚାଲାଣ ଭିତରକନିକାର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ରେଞ୍ଜର ମାନସ କୁମାର ଦାସଙ୍କୁ ପଚାରିବାରେ କୋଇଲା ଚୋରା ଚାଲାଣ ଘଟଣା ନଜରକୁ ଆସିନାହିଁ। ଏପରି କାର୍ଯ୍ୟ ଚାଲିଥିଲେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଭାଙ୍ଗିଲା କ୍ରୀଡାଶପୁର କେନାଲ ବନ୍ଧ

**ନୟାଗଡ଼,୨୭।୬(ଲୋକନାଥ ମିଶ୍ର)**

ଜଳସମ୍ପଦ ବିଭାଗର ଖାମଖିଆଲି ନୀତି କାରଣରୁ ନୟାଗଡ଼ ବ୍ଲକ ଡାହୁକାନଦୀର କ୍ରୀଡାଶପୁର କେନାଲର ବନ୍ଧ ଭାଙ୍ଗି ଯାଇଛି । କେନାଲ ବନ୍ଧ ଭାଙ୍ଗିବା କାରଣରୁ ଡାହୁକା ନାଳ ଓ କେନାଲ ଶୁଖିଲା ପଡ଼ିଛି । ବର୍ଷାଋତୁରେ ନାଳ ଓ କେନାଲ ଶୁଖିଲା ପଡିଥିବାରୁ ବର୍ଷା ନ ହେଲେ ଚଳିତ ବର୍ଷ ମରୁଡ଼ିର ଭୟ ଚାଷୀଙ୍କୁ ଘାରିଛି । ପଥର ପ୍ୟାଚିଂ କାମ ଠିକରେ ନ ହେବାରୁ କେନାଲ ବନ୍ଧ ଭାଙ୍ଗି ଗଲା ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ନଦୀରେ ବନ୍ୟାଜଳ ଅଧିକ ପ୍ରବାହିତ ହେବା କାରଣରୁ ବନ୍ୟାର ଭୟ ଦେଖା ଦେଇଛି । ବାଲିକୁଦିଆ, ଗଦାଧରପ୍ରସାଦ, ଚମ୍ପତିପୁର ଗାଁ ଭିତରେ ବନ୍ୟା ଜଳ ପ୍ରବେଶ କରିପାରେ । ବର୍ଷା ଅଧିକ ହେଲେ ମାଳବନ୍ଧ ଭାଙ୍ଗିବାର ଭୟ ସୃଷ୍ଟି ହୋଇଛି ।

ପ୍ରକାଶ ଯେ, ବାଘୁଆ ନଦୀ ଓ ଲୁଣିଝରା ନଦୀ ମିଳନ ହୋଇ ଯଦୁପୁର ଗାଁ ନିକଟରେ ଡାହୁକା ନଦୀ ହୋଇଛି । ଡାହୁକା ନଦୀରେ ଆନିକଟ ହୋଇଥିଲା। ଏହି ଆନିକଟଠାରେ ବରପଲ୍ଲୀ ଓ କ୍ରୀଦାଶପୁର ଅଞ୍ଚଳ ପାଇଁ ୨ଟି କେନାଲ ବ୍ୟବସ୍ଥା ଥିଲା । ନଦୀର ଶଟର ପଡିଲେ ଦୁଇ କେନାଲରେ ପାଣି ଯିବା ପାଇଁ ବ୍ୟବସ୍ଥା ହୋଇଛି। ଆନିକଟଠାରେ ନଦୀ ଗର୍ଭର ବାଲି ଓ ପଟୁମାଟି ପ୍ରାୟ ୪୦


ଶୁଖିଲା ପଡିଥିବା କେନାଲ

ବର୍ଷ ହେଲା ଜମା ହୋଇ ରହିଥିଲା। ତେବେ ଜଳସମ୍ପଦ ବିଭାଗ ପକ୍ଷରୁ ବାଲି ଓ ପଟୁମାଟି କଢ଼ା ଯାଇ ନ ଥିଲା । ଆନିକଟ ନିକଟରେ ନଦୀ ମଝିରେ ବାଲି ଓ ପଟୁମାଟି ଜମା ହୋଇ ନଦୀପଠା ପୋତି ହୋଇଗଲା । ନଦୀ ପଠା ପୋତି ହୋଇ ଯିବାରୁ ଶଟର ବନ୍ଦ ଥାଇ ମଧ୍ୟ କ୍ରୀଦାଶପୁର ଓ ବରପଲ୍ଲୀ ଅଞ୍ଚଳ ଦେଇ ଯାଇଥିବା କେନାଲରେ ଅଧିକ ନଦୀର ଜଳ ପ୍ରବାହିତ ହୋଇଥିଲା। ନଦୀର ଜଳ ଅଧିକ ଯିବା ଓ କେନାଲ ବନ୍ଧ ମଜଭୁତ ନ ଥିବାରୁ କ୍ରୀଦାଶପୁରକୁ ଯାଇଥିବା କେନାଲ ଓ ପାର୍ଶ୍ୱ (ପରୀ) କେନାଲ ପ୍ରାୟ ୮ଦିନ ତଳେ ଭାଙ୍ଗି ଗଲା । କେନାଲ ପାର୍ଶ୍ୱରେ ପଥର ପ୍ୟାଚିଂ ସତ୍ତ୍ୱେ କେନ୍ାଲ ବନ୍ଧ ଭାଙ୍ଗିବା ନିମ୍ନମାନର କାମକୁ ପ୍ରମାଣିତ କରୁଛି । ଅନ୍ୟପକ୍ଷେ କେନାଲର ବନ୍ଧ ଭାଙ୍ଗି ଯିବା ଦ୍ୱାରା ଯଦୁପୁର, ବାରବାଟୀ, ହରିପୁର, ଗଦାଧରପ୍ରସାଦ, ଚମ୍ପତିପୁର ଅଞ୍ଚଳର ଚାଷ ଜମିରେ ପାଣି ମାଡି ମାରୁନି। ସେହିପରି ଡାହୁକା ନଦୀରୁ ବାହାରିଥିବା ଡାହୁକା ନାଳରେ ପାଣି ଯାଉନି । ଡାହୁକା ନାଳରେ ପାଣି ନ ଯିବା ଦ୍ୱାରା ବୋଦାପଡା, ବରପଲ୍ଲୀ, ଲକ୍ଷ୍ମୀପ୍ରସାଦ, ଘଡୁଆଳ, ଇଟାମାଟି, ପଣ୍ଡୁସର ଅଞ୍ଚଳର ଜମିକୁ ମଧ୍ୟ ଅନୁରୂପ ପାଣି ଯାଉ ନାହିଁ । ଏଣୁ ଉପରୋକ୍ତ ଅଞ୍ଚଳରେ ମରୁଡ଼ିର ଭୟ ଘାରିଛି ।

ଏନେଇ ଜଳସମ୍ପଦ ବିଭାଗ ବିଭଗାର କନିଷ୍ଠ ଯନ୍ତ୍ରୀ କ୍ଷୀରୋଦ ଜାଲି କୁହନ୍ତି,

- ଚାଷୀ ଜମିକୁ ମାଡିବନି ପାଣି, ମରୁଡ଼ି ଭୟ
- ବାଲିକୁଦିଆ, ଚମ୍ପତିପୁର ପରି ୩ ଗାଁକୁ ବନ୍ୟା ଭୟ
- ନଦୀ ଗର୍ଭରୁ କାଢ଼ିଲେନି ବାଲି ଓ ପଟୁମାଟି
- ପଥର ପ୍ୟାଚିଂ କାମ ଠିକ୍‌ରେ ହୋଇ ନ ଥିଲା
- ବନ୍ଧ ଭାଙ୍ଗିଯିବା ପରେ ନାଳ ଓ କେନାଲ ଶୁଖିଲା

ବାଲିବସ୍ତା ପ୍ୟାକ କରାଯାଇ ଅସ୍ଥାୟୀ ବନ୍ଧ କରାଯାଇଛି । ମରୁଡ଼ି ପରିସ୍ଥିତି ସୃଷ୍ଟି ହେବ ନାହିଁ । ଆଗରୁ ଯେପରି ପାଣି ଯାଉଥିଲା ସେପରି ଯିବ । ସବୁ କିଛି ଠିକ୍‌ଠାକ ହୋଇଯିବ । ଜଣେ ଚାଷୀ ନିଜ ନାମ ଗୋପନ ରଖି କହିଛନ୍ତି, କେନାଲ ବନ୍ଧ ଭାଙ୍ଗିଯିବା ଦ୍ୱାରା ନଦୀ ପାଣି ନଦୀରେ ଗଲା । ନଦୀ ପଠା ଗାଁରେ ବନ୍ୟାର ଭୟ ଦେଖା ଦେବ । ଜଳ ସମ୍ପଦ ପକ୍ଷରୁ ବାଲିବସ୍ତା ପକାଇ ଦେଲେ କାମ ଦେବନି । ବର୍ଷାଋତୁରେ କେନାଲ ଓ ନାଳ ଶୁଖିଲା ପଡିଛି । ମରୁଡ଼ି ସମୟରେ ଜମି ଜଳସେଚିଚତ ହେବାର ଆଶା ନିରର୍ଥକ ବୋଲି ସେ କହିଛନ୍ତି ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଦିଲୀପ


@ କମଲ


@ ମାନସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଭିଭାବକ, ଶିକ୍ଷକଙ୍କ ବୈଠକ

**ନୟାଗଡ଼,୨୭।୭(ଲୋକନାଥ ମିଶ୍ର)**

ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ପଞ୍ଚାୟତ ଗୁପ୍ତପଲିସ୍ଥ ଜିତେନ୍ଦ୍ର ଫାଉଣ୍ଡେଶନ ମାନସିକ ଅନଗ୍ରସର ବିଦ୍ୟାଳୟରେ ନବଦର୍ଶନ ପ୍ରକଳ୍ପର ଦ୍ୱିତୀୟ ଅଭିଭାବକ ଓ ଶିକ୍ଷକ ସଭା ଅନୁଷ୍ଠିତ ହୋଇଛି। ଭିଗାର୍ଡ ଇଣ୍ଡଷ୍ଟ୍ରିଜ ଦ୍ୱାରା ପରିଚାଳିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କହଁର ଏବଂ ସମ୍ମାନିତ ଅତିଥି ଭାବେ ସରପଞ୍ଚଙ୍କ ପ୍ରତିନିଧି କବିରାଜ ସ୍ୱାଇଁ ଯୋଗ ଦେଇଥିଲେ। ସଭାର ଅନ୍ୟତମ ଆକର୍ଷଣ ଓଡ଼ିଶା ରାଇଜିଂ ଫାଉଣ୍ଡେଶନର ମୁଖ୍ୟ ଅକ୍ଷୟ ସାଗର ଏବଂ ପ୍ରକଳ୍ପ ପରିଚାଳନା ଅଧିକାରୀ ଶର୍ମିଷ୍ଠା ମହାରଣା ଉପସ୍ଥିତ ଥିଲେ। ଜିତେନ୍ଦ୍ର ଫାଉଣ୍ଡେଶନର ସମ୍ପାଦକ ଜିତେନ୍ଦ୍ର କୁମାର ଲେଙ୍କା ସଭା ପରିଚାଳନା କରିଥଲେ । ସଭାରେ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା, ଛାତ୍ରୀଛାତ୍ର, ଅଭିଭାବକ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରୀଙ୍କ ଅଭିଭାବକମାନଙ୍କୁ କି ଭଳି ଧନ୍ଦା ମୂଳକ ପ୍ରଶିକ୍ଷଣ ଦେଇ ସଶକ୍ତ କରିହେବ ଆଲୋଚନା କରାଯାଇଥିଲା। ଶେଷରେ ସଂସ୍ଥାର ଅକ୍ୟୁପେଶନାଲ ଥେରାପିଷ୍ଟ ପ୍ରୀତମ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



ବୈଠକରେ ଯୋଗଦେଇଥିବା ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ର।

# ନୂତନ ମେଡିକାଲ ପାଇଁ ଜମି ନିରୂପଣ


ଜମି ନିରୂପଣ ପାଇଁ ଆସିଥିବା ତହସିଲଦାର ଓ ଅନ୍ୟମାନେ।

**ଖଣ୍ଡପଡ଼ା,୨୭।୭ (ଅଜୟ କୁମାର ମହାରଣା)**

ନୟାଗଡ଼ ଜିଲା କଣ୍ଟିଲୋର ଶ୍ରୀ ନୀଳମାଧବ ପୀଠରେ ୨୪ ଘଣ୍ଟିଆ ସେବା ପ୍ରଦାନ ଲକ୍ଷ୍ୟରେ ଏକ ମେଡିକାଲ ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାର ୨ କୋଟି ୨୦ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରିଛନ୍ତି । ମାତ୍ର ଏହି ଗୃହ ନିର୍ମାଣ ପାଇଁ ୨ ଏକର ଜମିର ଆବଶ୍ୟକତା ରହିଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନୟାଗଡ଼ ଜିଲାପାଳ ରବିନ୍ଦ୍ର ନାଥ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଖଣ୍ଡପଡ଼ା ତହସିଲଦାର ଲିପ୍‌ସା ରାୟ ଗୁରୁବାର କଣ୍ଟିଲୋ ଗସ୍ତରେ ଆସି କେତେକ ଜମି ବୁଲି ଦେଖିଛନ୍ତି। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧାରୀ ଡ.ରମାକାନ୍ତପଣ୍ଡାଙ୍କ ପରାମର୍ଶ କ୍ରମେ ଜାତୀୟ ସ୍ୱାସ୍ଥ୍ୟ ମିଶନ ସହକାରୀ ଯନ୍ତ୍ରୀ ଇଂ.ରମାକାନ୍ତ ପାତ୍ର, ଭୁବନେଶ୍ୱର ପୋଲିସ ହାଉସିଂ ବୋର୍ଡ କର୍ପୋରେଶନ ସହକାରୀ ପ୍ରୋଜେକ୍ଟ ମ୍ୟାନେଜର ଇଂ, ପ୍ରଶାନ୍ତ ପ୍ରଧାନ, ସାଇଟ ଇଞ୍ଜିନିୟର ପ୍ରକାଶ ସ୍ୱାଇଁ, ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭିସାର ପଣ୍ଡା, କଣ୍ଟିଲୋ ରାଜସ୍ୱ ନିରୀକ୍ଷକ ହେମନ୍ତ କୁମାର ସାହୁ, ସହକାରୀ ପ୍ରଭାତ କୁମାର ବେହେରା, ପୂର୍ବତନ ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ମହାରଣା ପ୍ରମୁଖ ଉପସ୍ଥିତ ରହି ଜମି ଚିହ୍ନଟ ପ୍ରକ୍ରୀୟାରେ ସହଯୋଗ କରିଥିଲେ । ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ଜିଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା, ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା, ସଦସ୍ୟ ତଥା ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର କାଣ୍ଟି, ଶ୍ରୀପତି ମହାରଣା, ପ୍ରଭାକର ଶିରୋମଣି, ମେଜର ରାଜ କିଶୋର ସାହୁ, ସରୋଜ କୁମାର ମିଶ୍ର, କଣ୍ଟିଲୋ ସେବା ସମବାୟ ସମିତି ସଭାପତି ମାଧବ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଜମି ଚିହ୍ନଟରେ ସହଯୋଗ କରିଥିଲେ ।

ସୂଚନାଯୋଗ୍ୟ, କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କଣ୍ଟିଲୋ ସମେତ ବାଣପୁର, ସିଧାମୂଳା, ବେଣାଗାଡିଆ, ପଥରଚକଡା, ଧାନଚେଙ୍ଗଡା, କେନ୍ଦୁପଲ୍ଲୀ, ବେଣାଗାଡିଆ ଆଦି ୭ ପଞ୍ଚାୟତର ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଛନ୍ତି । ଏହାଛଡା ପ୍ରତ୍ୟେହ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଶତାଧିକ ପର୍ଯ୍ୟଟକ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ନେଇ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥାଆନ୍ତି । ଏଠାରେ ରୋଗୀଙ୍କ ସଂଖ୍ୟା ଆଶାନୁରୁପ ଭାବେ ବୃଦ୍ଧି ପାଉଥିବାରୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ଅଞ୍ଚଳବାସୀ ଦାବି କରିଥିଲେ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨ ଏକର ଜମିରେ ଏକ ନୂତନ ମେଡିକାଲ ଗୃହ ନିର୍ମାଣ ନିମନ୍ତେ ଉକ୍ତ ଅର୍ଥ ମଞ୍ଜୁର କରିଛନ୍ତି ।

# ଅବଦୁଲ କଲାମଙ୍କ ତିରୋଧାନ ଦିବସ



**ଖଣ୍ଡପଡ଼ା,୨୭।୭(ଅଜୟ କୁମାର ମହାରଣା) :** ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଅବଦୁଲ କଲାମଙ୍କ ୯ମ ତିରୋଧାନ ଦିବସ ଖଣ୍ଡପଡ଼ା ବ୍ଲକ ଅଧୀନ ଯୋଗିଆପଲ୍ଲୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ,ଶିକ୍ଷକ ମାନେ ଯୋଗ ଦେଇଥିଲେ । ଅବଦୁଲ କଲାମଙ୍କ ଜୀବନୀ ସମ୍ପର୍କରେ ପ୍ରଧାନ ଶିକ୍ଷକ ଆଲୋକପାତ କରିବା ସହ ପ୍ରତ୍ୟେକ ବିଦ୍ୟାର୍ଥୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ଶ୍ରେଣୀ ଗୃହରେ ସ୍ମାର୍ଟ ବୋର୍ଡ ମାଧ୍ୟମରେ ଅବଦୁଲ କଲାମଙ୍କ ଜୀବନୀ ଭିତ୍ତିକ ଚିତ୍ର ଜରିଆରେ ପ୍ରଦର୍ଶିତ ହୋଇଥିଲା ।

# ମୁକ୍ତା ଯୋଜନା ଅଧୀନରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ରଣପୁର,୨୭।୭(ସୁକାନ୍ତ କିଶୋର ଡାକୁଆ)**

ନୟାଗଡ଼ ଜିଲା ରଣପୁର ପୌରାଞ୍ଚଳରେ ଥିବା ମା'ମଣିନାଗ କଲ୍ୟାଣ ମଣ୍ଡପ ପରିସରରେ ଗୁରୁବାର ମୁକ୍ତା ଯୋଜନା ଅଧୀନରେ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ରଙ୍ଗୀନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମକୁ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅପର୍ଣ୍ଣା ଡାଙ୍ଗୁଆ ଉଦ୍‌ଘାଟନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକ ସାରଦା ପ୍ରସାଦ ପଣ୍ଡା ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କୁ ତାଲିମର ଲକ୍ଷ୍ୟ ଓ ମିଶନ ଶକ୍ତି ମହିଳାମାନେ କିପରି ରୋଜଗାରକ୍ଷମ ହୋଇପାରିବେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ମୁକ୍ତା ଟିମ୍‌ର ସଂଯୋଜକ ଆଶୁତୋଷ ମହାନ୍ତି, ମୁକ୍ତା ଯନ୍ତ୍ରୀ ସାହେବା ଆଫ୍ରୋଜ, ମୁକ୍ତା ଆକାଉଣ୍ଟାଣ୍ଟ ରଞ୍ଜନ ବେହେରା, ପୌର ଯନ୍ତ୍ରୀ ବାଇଧର ରାଉତ, କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ମଣ୍ଡଳ ,ସହର ମିଶନ ପରିଚାଳକ, ଗୋଷ୍ଠୀ ସଂଯୋଜିକା ଅନିତା ବଳିଆରସିଂ ପରିଚାଳନା କରିଥିଲେ। ତାଲିମ ପ୍ରଶିକ୍ଷକ ସର୍ବେଶ୍ୱର ସାହୁ ଓ ରଶ୍ମିତା ବେହେରା ଯୋଗଦେଇ ମୁକ୍ତାର କାର୍ଯ୍ୟକାରିତା ପଦ୍ଧତି, ପ୍ରକଳ୍ପ ଚିହ୍ନଟ ପ୍ରକ୍ରିୟା ଆଦି ବାବଦରେ ବୁଝାଇଥିଲେ। ମୁକ୍ତା ଯୋଜନା ମାଧ୍ୟମରେ ଏହି କର୍ମଶାଳାରେ ଗୋଷ୍ଠୀ ସହଭାଗୀଙ୍କୁ ସଶକ୍ତ କରିବା ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ସହରାଞ୍ଚଳ ଗରିବଙ୍କ ପାଇଁ ମଜୁରୀ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦକୁ ୨୦୨୨-୨୩ ଆର୍ଥିକ ବର୍ଷରେ ୧୧୮ ପ୍ରକଳ୍ପ ବାବଦରେ ୧କୋଟି ୬୩ଲକ୍ଷ ପ୍ରଦାନ କରାଯାଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ୪୫ଟି ମିଶନ ଶକ୍ତି ଗୋଷ୍ଠୀ ନିୟୋଜିତ ହୋଇଛନ୍ତି । ତଦାରଖ ବାବଦରେ ୪ଲକ୍ଷ ୬୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପାଇଛନ୍ତି ଏବଂ ୩୬୪୦ ମଜୁରୀ ଦିବସ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨କୋଟି ୧୫ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମହିଳାମାନଙ୍କ ସମେତ ସମସ୍ତ କାଉନସିଲର ଯୋଗଦେଇଥିଲେ।


ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଭାଗୀୟ ଅତିଥିଙ୍କ ଗହଣରେ ତାଲିମ୍ ନେବାକୁ ଅସିଥିବା ମହିଳା।

# ନିଷ୍କାସନ ପଥ ବନ୍ଦ, ରାସ୍ତାରେ ଲହଡ଼ି ମାରୁଛି ଆବର୍ଜନା ପାଣି

**ଖଣ୍ଡପଡ଼ା,୨୭।୭ (ଅଜୟ କୁମାର ମହାରଣା)**

ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ଯୋଗୁ ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତ ଅଧୀନ ବେଣାଗାଡିଆ ଛକ ପୂର୍ତ୍ତ ବିଭାଗ ରାସ୍ତା ଠାରୁ ତେନ୍ତୁଳାପଲ୍ଲୀ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ପରିତ୍ୟକ୍ତ ଅବସ୍ଥାରେ ରହିଛି । ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଗ୍ରାମର ଉଦ୍‌ବୃତ ପାଣି ଓ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ବହୁଦିନ ଧରି ରାସ୍ତା ଉପରେ ଲହଡି ମାରୁଛି । ଅପରପକ୍ଷେ, ବେଣାଗାଡିଆ ଛକଠାରୁ ହାଇସ୍କୁଲ ରାସ୍ତା ଦେଇ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ୪ ଶହ ମିଟର ରାସ୍ତାରେ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଖାଲଖମା ସୃଷ୍ଟି ହୋଇଛି। ସେଠାରେ ବର୍ଷାଜଳ ଜମା ହୋଇ ଗମନା ଗମନରେ ସମସ୍ୟା ସୃଷ୍ଟି କରୁଛି। ଫଳରେ ପ୍ରତ୍ୟେହ ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିବା ସାହି ବାସିନ୍ଦା, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସହ ଜନସାଧାରଣ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ବର୍ଷା ଜଳ ନିଷ୍କାସନ


ରାସ୍ତାରେ ଜମା ହୋଇଥିବା ପାଣି

ନିମନ୍ତେ ବହୁ ବର୍ଷ ପୂର୍ବେ ଉକ୍ତ ରାସ୍ତାରେ ୩ କଲର୍ଭଟ ନିର୍ମାଣ କରାଯାଇଥିଲା । ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ କଲର୍ଭଟ ପୋତି ହୋଇଯିବା ସହ ସ୍ଥାନୀୟ କେତେଜଣ ବ୍ୟକ୍ତିଙ୍କ କବଜାରେ ରହି ଗୃହ ସଂପ୍ରସାରଣ କରାଯାଇଛି । ବର୍ଷ ବର୍ଷ ଧରି ପଞ୍ଚାୟତ କର୍ତ୍ତୃପକ୍ଷ ଏ ଦିଗରେ ଧ୍ୟାନ ଦେଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଅପରପକ୍ଷେ ଖଣ୍ଡପଡା- ବାଣପୁର ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ବେଣାଗାଡିଆ ଛକ ସମ୍ପ୍ରତି ଡ୍ରେନ ପାଣି ନିଷ୍କାସନ ହୋଇ ନ ପାରି ପ୍ରଦୂଷିତ ପରିବେଶ ସୃଷ୍ଟି ହୋଇଛି। ରାସ୍ତା କଡରେ ଥିବା ବିଭିନ୍ନ ଦୋକାନ ବଜାରର ବର୍ଜବସ୍ତୁ, ଜଳଖିଆ ଦୋକାନର ପତ୍ର, ଠୁଙ୍ଗା, ପଲିଥିନ ଜରି ଆଦି ଜମି ନିଷ୍କାସନ ପଥରେ ଅଟକି ରହିଛି । ଏଥିପାଇଁ ନର୍ଦ୍ଦମା ପାଣି ରାସ୍ତା ଉପର ଦେଇ ପ୍ରବାହିତ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଦୂଷିତ ପରିବେଶରେ ମଶା ମାଛିଙ୍କ ବଂଶ ବୃଦ୍ଧି ଘଟି ଡେଙ୍ଗୁ ରୋଗ ବ୍ୟାପୀବାର ଆଶଙ୍କା ପ୍ରକାଶ ପାଇଛି । ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ ନିମନ୍ତେ ପଞ୍ଚାୟତ କର୍ତ୍ତୃପକ୍ଷ, ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

